# ଫାଟକ ସଳଖ ଅଟେ

ତୁମକୁ ଧନ୍ୟବାଦ, ଭାଇନେବିଲ୍ । ତୁମକୁ ଧନ୍ୟବାଦ । ସଦାପ୍ରଭୁଙ୍କର ଗୃହ ମଧ୍ୟକୁ ଫେରିବା ବହୁତ ଉତ୍ତମଅଟେ । ମୁଁ ସର୍ବଦା ସମାଗମ ତମ୍ବୁ (tabernacle ସଦାପ୍ରଭୁଙ୍କର ଗୃହ) କୁ ଫେରିବାକୁ ଆନନ୍ଦ ମନେକରେ, କାରଣ ଯେଉଁଆଡେ ମୁଁ ଯାଏ, ସେଠାରେ କିଛି ବିଷୟଅଳ୍ପ ଏହି ପୁରୁଣା ଯାଗା ଯେଉଁଠାକୁ ମୁ ଫେରି ଆସିବାକୁ ଚାହେଁ । ଏହା କେବଳ, ଅହଃ, ମୁଁ...ଏହା ମୋ ପାଇଁ ପ୍ରଥମ ଥିଲା ଏବଂ ଏହି ମଣ୍ଡଳୀରେ ମୁଁ ସର୍ବଦା ସେବାକାର୍ଯ୍ୟକରିଥିଲି । ପୁଣି ଭଲଲାଗେ ପୁନର୍ବାର ଫେରି ଆସିବାକୁ । ପୁଣି ମୁଁ ବିଶ୍ୱାସ କରେ ଯେ ସେହି ସୁନ୍ଦର ସକାଳ ଯେତେବେଳେ ସୁର୍ଯ୍ୟ ତାର ଆଲକ ଦେଲାନାହିଁ ପୁଣି ତାରାଗଣ ଅଦୃଷ୍ୟ ହେଲେ, ମୁଁ ବିଶ୍ୱାସ କରେ ସେଠାରେ କିଛି ବିଷୟ ସେହି ସମାଗମ ତମ୍ବୁର ଉପସ୍ଥୀତ ଥିଲା, ଯାହା ମେଷର ରକ୍ତ ଧୋଇଦେଲା । ମୁଁ ସେହି ସମୟକୁ ଦେଖୁଅଛି ।

2 ଯେପରି ମୁଁ ବର୍ତ୍ତମାନ ସେହି ଗୃହ ଦେଇ ଆସିଅଛି, ମୁଁ ସେଠାରେ ଭଉଣୀଆର୍ଗନ୍ ବ୍ରାଇଟଙ୍କୁ ଭେଟିଲି । ଏବଂ ସେ ମତେ ଏହା କହୁଥିଲେ, ସେଠାରେ କିଛିଲୋକ କିଙ୍ଗଷ୍ଟନଙ୍କର ସହୋଭାଗିତାରେ ଥିଲେ, ଯାହା ସେହି ସମୟର ପରିଦର୍ଶକ ଥିଲେ, ଏବଂ ମୁଁ...the... ସେମାନଙ୍କୁ ଏଠାରେ ସାକ୍ଷଭାବେ ରଖିବାକୁ ବହୁତ ଆନନ୍ଦିତ କରେ । ଯେଉଁଠାରେ ସେମାନେ ଅଛନ୍ତି, ଯଦି ସେମାନେ ତାହାଙ୍କର ହସ୍ତ ଉଠାନ୍ତି, ଜାମାଇକାର କିଙ୍ଗଷ୍ଟନ୍ ସଭାରେ ଉପସ୍ଥିତ ଥିଲେ । ଠିକ୍, ହଁ, ପଛକୁ ପଛ । ସବୁ ଠିକ୍ ଅଛି, ତାହା ଉତ୍ତମ ଅଟେ ।

3 ମୁଁ ଅରାଲଙ୍କର ପୋଷ୍ଟକାର୍ଡ୍ ଦେଖେ । ମୁଁ କଳ୍ପନା କରେ ତୁମ୍ଭେ ତାହାଙ୍କର ସଭାକୁ ପୁର୍ବରୁ ଘସଣା କରିଅଛ । ଏହା ମୁଁ ବର୍ତ୍ତମାନ ପର୍ଯ୍ୟନ୍ତ, ତାରିଖ, ଗତକାଲି ପର୍ଯ୍ୟନ୍ତ ଜାଣି ନଥିଲି । ମୁଁ ଭାବେ ଏହା 6 ତାରିଖରେ ଆରମ୍ଭ ହେବ, ଏହା ନୁହେଁ କି? 6 ଠାରୁ 15 ପର୍ଯ୍ୟନ୍ତ, ଭାଇ ରବଟ୍ ଲୁଇସଭେଲି ଠାରେ । ବର୍ତ୍ତମାନ୍, ଯାଅ ତାହାଙ୍କୁ ସୁଣ । ଭାଇ ରବଟ୍ ଅଟନ୍ତି—ଏକ ମୋର ଭଲ ସାଙ୍ଗ, ପୁଣି ଯଶେଖ୍ରୀଷ୍ଟଙ୍କର ପ୍ରକୃତ ଦାସ ।ଏବଂ ମୁଁ ନିଶ୍ଚିତ ଅଟେ ତୁମ୍ଭେମାନେ ତାହାଙ୍କର ବାକ୍ୟରେ ଆନନ୍ଦ ଅନୁଭବ କରିବ, ରାତି ପରେ ରାତି । ଯାହା ଗୋଟେ...ତାହାଙ୍କର, ଯେପରି ସେ ଦୁର୍ବଳ ପାଇଁ ପ୍ରାର୍ଥନା କରନ୍ତି, ମୁଁ—ମୁଁ ନିଶ୍ଚିତ ଯେ ତୁମେ ସଦାପ୍ରଭୁଙ୍କର ଉପସ୍ଥିତ ଅନୁଭବ କରିବ, କାରଣ ସେ ବିଶ୍ୱାଷର ବଡ଼ ଯୋଦ୍ଧା ଅଟନ୍ତି, ଭାଇ ରବଟ୍ ଅଟନ୍ତି, ପୁଣି ଜଣେ ବ୍ୟକ୍ତି ଯାହାଙ୍କୁ ସଦାପ୍ରଭୁ ଆଶ୍ଚର୍ଯ୍ୟ ଭାବେ ବ୍ୟବହାର କରୁଛନ୍ତି । ଏବଂ ତାହାଙ୍କର ସେବାକାର୍ଯ୍ୟ ଠାରୁ ଉଠିଅଛି...

4 ମୁଁ ମନେପକାଏ ଯେତେବେଳେ ମୁଁ ଭାଇ ରବଟଙ୍କୁ ପ୍ରଥମେ ଭେଟିଲି, ସେ ସେନ୍ଟ ଲୁଇସ୍ ମିସୁରିର ଏକ ଛୋଟ ଛିଣ୍ଡା ତମ୍ବୁରେ ଥିଲେ, ପୁଣି ମୁଁ ଥିଲି...ନା, କାନସାସ୍ ସହର, ମସୁରି । ପୁଣି ମୁଁ କାନସାସ୍ ସହରରେ ଥିଲି, କାନସାସର, ଏକ ସଭାଗୃହ । ସେ ପ୍ରଥମ ସ୍ଥାନରେ

ବସିଥିଲେ । ସେବାକାର୍ଯ୍ୟର ସମାପ୍ତ ପରେ, ଆମ୍ଭେ ପଛକୁ ଗଲୁ ଏବଂ କଥା ହେଉଥିଲୁ । ସେମାନେ ମୋତେ ତାହାଙ୍କର ପରିଚୟ କରିଥିଲେ ।ସେ ମୋଠାରୁ ସାନ ଅଟନ୍ତି; ଅରାଲ ତାହାଙ୍କର 40 ବର୍ଷ ପୁର୍ବରୁ । ତେଣୁସେକହିଲେ, "କଣ ଆପଣ ଭାବନ୍ତି କି ସଦାପ୍ରଭୁ ଦୁର୍ବଳ ମାନଙ୍କପାଇଁ ପ୍ରାର୍ଥନା ଶୁଣିବେ?"

ମୁଁ କହିଲି, "ଭାଇ ସେ ସମସ୍ତଙ୍କର ପ୍ରାର୍ଥନାକୁ ଶୁଣିବେ ଯଦି ପ୍ରାର୍ଥନା କରିବେ ।" ଠିକ୍ ଅଛି ସେ ଆରମ୍ଭ କଲେ ପୁଣି ସେ କହିଲେ, "ଏଠାରେ ମୁଁ ଆରମ୍ଭ କରୁଅଛି!!!"

5 ଏବଂ ସେ ଜଣେ ବହୁତ ଫୁର୍ତିବାଦ ଲୋକ, ପୁଣି ମହାବିଦ୍ୟାଳୟର ଶିକ୍ଷା, ଚାରି ବର୍ଷ ମନୋସ୍ତତ୍ୱ କରିଛନ୍ତି, ପୁଣି ମୁଁ ନିଶ୍ଚିନ୍ତ ସେ ଜଣେ—ସେ ଜଣେ ଏକ ବିଚକ୍ଷ୍ୟଣ ଲୋକ ଅଟନ୍ତି । ପୁଣି ବର୍ତ୍ତମାନ ସେ ସେଠାରେ ଛିଡା ହେଲେ ଯେଉଁ ସ୍ଥାନରେ ତାହାଙ୍କର ଚତୁପାର୍ଶରେ ଉପଦେଶକ ଲୋକମାନଙ୍କୁ ସେ ପାଇଛନ୍ତି, ଓ ବିଷୟ, ତଥାପି, ଯେତେବେଳେ ସେ କୁହନ୍ତି, ସେ—ସେ ଏହା ମନେକରନ୍ତି ଏହା ସମାପ୍ତ । ଏବଂ ତୁମ୍ଭେମାନଙ୍କୁ ପ୍ରକୃତରେ ତାହାଙ୍କର ବାକ୍ୟ ଭଲ ଲାଗିବ, ମୁ ନିଶ୍ଚିତ ଅଟେ ।

6 ତେଣୁକରି ବର୍ତ୍ତମାନ ମୁଁ ଅଳ୍ପ ବିଷୟ କହିବାକୁ ଚାହେ ଯାହା କି ଆମ୍ଭର ସଦାପ୍ରଭୁ ଆମ୍ଭର ଛୋଟ ସଭା ଯାମାଇକା (Jamaica) ଓ ପୁଏର୍‌ଟରିକ (Puerto Rico) ରେ ବ୍ୟବହାର କଲେ ।ଏହା ଗୋଟେ ଅଜଣା ବିଷୟ ଥିଲା ଯାହାଦେଇ ମୁଁ ଯାଇଥିଲି, କାରଣ ବହୁ ସକ୍ଷ୍ୟକଙ୍କୁ ଭିତରକୁ ଡାକିଥିଲେ । ଯେପରି ଲିଓ ଏଠାରେ ଯାଣନ୍ତି, ତାହା ଧ୍ୱନୀ…ପୁଣି ସେହି ସପ୍ତାହ ମଧ୍ୟରେ, ପ୍ରକୃତ ସେଠାରେ ଶହଶ୍ର ଯାଗାରେ ସଭାପାଇଁ ଡ଼ାକିଥୀଲେ । କିନ୍ତୁତଥାପି ଯେଉଁ ସ୍ଥାନକୁ ଯିବାପାଇଁ ମତେ ପ୍ରେରଣ ହୁଏସେଠାକୁ ମୁଁ ଯାଏ, ଏହା ପସନ୍ଦ କରେ ।ଯଦି ମୁଁ ଯାଏ କାରଣ ଲୋକମାନେ ଡ଼ାକିଛନ୍ତି, ତେବେ ମୁଁ ସେହି ମଣ୍ଡଳୀର ନାମରେ କିମ୍ବା ସେହି ସଂସ୍ଥାର ନାମରେ ଆସିଅଛି । ଯଦିମୁଁ ଯିବାକୁ ପସନ୍ଦ କରିବି କାରଣ ଭାଇ ନେବଲ୍ କହିଲେମୁଁ ଯିବି, ଭାଇ ନେବଲ ନାମରେ ଯିବାକୁ ହେବ ।କିନ୍ତୁ ମୁଁ ଯିବାକୁ ଚାହେ ଯେତେବେଳେ ଯୀଶୁ ପଠାନ୍ତି, ତେଣୁ ତୁମ୍ଭେ ପ୍ରଭୁ ଯୀଶୁଙ୍କ ନାମରେ ଯାଇ ପାରିବ, ଲୋକମାନଙ୍କୁ ଭେଟିବା ପାଇଁ ।

7 ତେଣୁ ମୁଁ ଶଯ୍ୟାରେ ଶୟନ କରୁଥିଲି, ଓ ମୁଁ ଅଳ୍ପ ଥକିଯାଇ ଥିଲି ।ଏହି ଉପତ୍ୟାକା, ଶିଘ୍ର କିମ୍ବା ଧିରେ, ମୁଁ ଏହି ଉପତ୍ୟାକା ଛାଡ଼ିବାକୁ ହେବ, କାରଣ ଏସ୍ଥାନରେ ମୋର ଗୋଳାକୁ ନଷ୍ଟ କରୁଛି ମୁଁ ଏଠାରେ କଷ୍ଟରେ ଛିଡ଼ା ହେଇ ପାରିବି ନାହିଁ । ମୁଁଯାଇ ପୁଣି ଆସି ପାରିବି…ଆମ୍ଭେ ତାପରଦିନ ଆସିଲୁ, ଲିଓ ଓ ମୁଁ, ହାରାହାରି 40 ମାଇଲ୍ ଦୁର, ଫ୍ଲରିତାର ସନ୍ତସନ୍ତିଆ ଯାଗାରେ, ଗଳା ସବୁ ସଫାହେଲା, ଏବଂ ଲୁଇସଭେଲିର 40 ମାଇଲ୍ ମଧ୍ୟରେ ଏହା ପୁଣିଥରେ ବନ୍ଦ ହେଇଗଲା । ଭାଇ ବାଙ୍କ ଉଡ୍ ଏହି ସକାଳେ ଏଠାରେ କୌଣସିଠାରେ ରହିବା ଉଚିତ୍ । ପୁଣି ତାପରଦିନ କିଙ୍ଗଷ୍ଟନ୍ ଓ—ଓ ପୁଏଟ ରିକ ଠାରୁ ଆସୁଅଛି, ଯେଉଁଠାରେ ମୋର ସ୍ୱର ସପୁର୍ଣ୍ଣ ପୁର୍ବଭଳି ସଫା ହେଲା;ଏବଂ ମୁଁ ଉଡ଼ାଜାହାଜରେ ଚଢ଼ିଲି, ତଥାପି ଠିକ୍ ଥିଲା;ପୁଣି ଜେଫରସନଭିଲେରେ ପହଞ୍ଚିବା ପୁର୍ବରୁ, ଏହା ପୁନର୍ବାର ବନ୍ଦ ହେଇଗଲା । ଦେଖ, ଏଠାରେ

ଉପତ୍ୟାକା ଅଛି । ଏହା ପବନରେ ଭାସୁଥିବା ଜିବାଣୁ, କିମ୍ବା ଏହା ସଦାପ୍ରଭୁ ଅଟନ୍ତି, ଜଣେ, ଯେ ଏଠାରୁ ବାହାରକୁ ଆଣିବାକୁ ଚାହାନ୍ତି । ତେଣୁ, ମୁଁ—ମୁଁ ଏହା ବୁଝିପାରୁ ନାହିଁ । ମୁଁ ପ୍ରାର୍ଥନା କରିଅଛି ଓ ବହୁତ ଥର ପଚାରି ଅଛି ।

8 କିନ୍ତୁ, ଯାହାହେଉ, ମୁଁ ଅଳ୍ପ ସମୟରୁ ଉଠିଥିଲି, ଏହା ପାଖାପାଖି ସକାଳ ୩ ଘଣ୍ଟା ସମୟ ଥିଲା । ପୁଣି ମୋର ପତ୍ନୀ ଓ ମୋର ପିଲାମାନେ ଶୋଇଥିଲେ । ପୁଣି ମୁଁ ଖଟର ଗୋଟିଏ କଣରେ ଉଠିଲି, ଏବଂ ବହୁତ ବଡ଼ ଜାଗାରେ ଜମାହେଉ ଥିବା ବହୁ ସଂଖ୍ୟକ ଲୋକଙ୍କୁ ଦେଖିଲି, ଏବଂ ମୁଁ ବିଲୀପୋଲଙ୍କୁ କହିଲି, "ତୁମେ ସେଠାକୁ ଯାଅ ଓ ସେହି ଲୋକ ମାନଙ୍କୁ ପ୍ରାର୍ଥନା ପତ୍ରୀକା ଦିଅ ।"

9 ଏବଂ ସେ କହିଲେ, "ଠିକ୍ ଅଛି, ବାପା ।" ଅଳ୍ପ ସମୟ ମଧ୍ୟରେ ସେ ଫେରିଲା, ଓ କହିଲା, "ତୁମ୍ଭେ ସେହି ଲୋକମାନଙ୍କୁ ପ୍ରାର୍ଥନା ପତ୍ରୀକା ଦେଇ ପାରିବ ନାହିଁ ।" ସେ କହିଲେ, "ତୁମେ ଦେଖୁଛ ଏହି ଲୋକ ଏଠାରେ ଛିଡ଼ା ହେଇଛନ୍ତି?"

ମୁଁ କହିଲି, "ହେଁା ।"

10 ସେ କହିଲେ, "ସେ ଏଠାରେ ଥିଲେ, ଏବଂ ମୁଁ କହିଲି, 'ସମସ୍ତେ ପ୍ରାର୍ଥନାର ପତ୍ରୀକା ଚାହାନ୍ତି, ତୁମ ହାତରେ ଯେତେ ଅଛି ।'" ଓ କହିଲି, "ମୁଁ ତାଙ୍କୁ ପ୍ରାର୍ଥନା ପତ୍ରୀକା ଦେବାକୁ ଗଲି, ସେ ଅନ୍ୟଆଡ଼େ ଚାଲିଗଲେ । ପୁଣି ତାପରେ ମୁଁ ସେଠାକୁ ଗଲି, ପୁଣି ସେ ଅନ୍ୟ ଯାଗାରେ ଥିଲେ । ବର୍ତ୍ତମାନ ସେ ଏଠାକୁ ଫେରିଛନ୍ତି ।" କହିଲି, "ମୁଁ ଗୋଟିଏ ସୁଧା ପ୍ରାର୍ଥନା ପତ୍ରୀକା ଦେଇ ପାରିବି ନାହିଁ ।"

11 ମୁଁ କହିଲି, "ଠିକ୍ ଅଛି, ବିଲି, ତୁମକୁ ପ୍ରାର୍ଥନା ପତ୍ରୀକା ଦେବା ଆବଷ୍ୟକ ନାହିଁ, କାରଣ ସେଠାରେ ବହୁତ ବଡ଼ ଜାଗା ଅଛି ସେଠାରେ ସମସ୍ତେ କରିବେ…" ପ୍ରାର୍ଥନାର ପତ୍ରୀକା ସ୍ୱରକୁ ବଢ଼େଇ ରଖ…ତୁମେ ଦେଖ, ଓ ସେ ଗୁଡ଼ିକୁ ସଜାଇ ରଖ ।ମୁଁ କହିଲି, "ଅହଃ, ମୁଁ ସମସ୍ତଙ୍କୁ ସେଠାକୁ ନେଇ ପାରିବି, ଯେଉଁ ଜାଗା ମୁଁ ପାଇଛି ତାଠାରୁ ଅଧୀକ ନୁହେଁ, ତେଣୁ ସେମାନଙ୍କୁ ଧାଡ଼ୀରେ ଛିଡ଼ା କଲି ଏବଂ ଜଣ ଜଣଙ୍କୁ କରି ସେମାନଙ୍କ ପାଇଁ ପ୍ରାର୍ଥନା କଲି ।"

12 ଏବଂ ସେ କହିଲେ, "ସବୁ ଠିକ୍ ଅଛି ।" ପୁଣି ସେ ଦକ୍ଷିଣ ଫେରିଲେ ଓ ମୋଠାରୁ ଦୁରେଇ ଗଲେ । ଏବଂ ମୁଁ ଏହିପଥ ଦେଇ ଗଲି ଯେପରି ସେ ସେହି ପଥ ଦେଇଗଲେ, ଏବଂ ତାହାଙ୍କୁ ଦେଖୁଥିଲି ।

13 ଏବଂ ମୁଁ ଏକ ସ୍ୱର ସ୍ୱର୍ଗଠାରୁ ତଳକୁ ଆସିବା ଶୁଣିଲି, ପୁଣିମୁଁ କହିଲି, "କିନ୍ତୁଏହି ସମୟ ପର୍ଯ୍ୟନ୍ତ ମୁଁ ତୁମର ପ୍ରସଂଶା କରିବାକୁ ଆରମ୍ଭ କରିବି ।" ଏବଂ ମୁଁ ଦେଖିଲି, ପୁଣି ମୁଁ ଏହି ପ୍ରକାର ଜନସମୁହୋ କେବେ ଦେଖି ନ ଥିଲି, ସେମାନେ ପ୍ରତ୍ୟେକ ଦଳ ଦଳ ହୋଇ ରହିଥିଲେ ।

14 ଏବଂ ଭାଇ ରବଟଙ୍କର ଡ଼କା ଯାଉଥିଲା, କହିଲେ, "ବର୍ତ୍ତମାନ ଭାଇ ଓରାଲ୍ ରବଟ୍ ଆପଣ ମାନଙ୍କୁ ଭେଟିବାକୁ ଆସୁଛନ୍ତି ।"

ପୁଣି ମୁଁ କହିଲି, "କେମିତି ଭାଇ ରବଟଙ୍କୁ ଅଭିନନ୍ଦନ ଜଣାଇବି?

ମୋତେ କହିଲେ, ଯେପରି ସେ ଆପଣଙ୍କୁ ଅଭିନନ୍ଦନ ଜଣାନ୍ତି ।"

15 ଠିକ୍ ଅଛି, ମୁଁ ଭାଇ ରବଟଙ୍କୁ କଳା ଜାକେଟ୍ ପିନ୍ଧି ଆସୁଥିବା ଦେଖିଲି, ପୁଣି ଏକ ଛୋଟ ଟପି ବିଙ୍ଗ୍ କ୍ରସବାଏ ପରି ପିନ୍ଧିଛନ୍ତି, ସେଥିରୁ ଏହା ଅଳ୍ପ ଉପରକୁ ଚିରି ଓ ତଳକୁ ଟାଣିଲେ, ଏକ ଛୋଟ କଳା ରଙ୍ଗର ଟପି । ଏବଂ ମୁଁ ସାନ୍ତରେ ଛିଡ଼ା ହୋଇଥିଲି, ଏବଂ ସେ ଉପରକୁ ଚାହିଲେ ଏବଂ କହିଲେ, ହେଲୋ ଭାଇ ବ୍ରାନ୍‌ହାମ ।

ଏବଂ ମୁଁ କହିଲି, "ହେଲୋ, ଭାଇ ରବଟ୍," ହାତ ମିଳେଇଲି ।

କହିଲେ, "ତୁମେ ଉତ୍ତମ ଜନସମୁହ ପାଇଅଛ ।"

16 ମୁଁ କହିଲି, "ଏକ ଅଳ୍ପ ଜନସମୁହ ଭାଇ ରବଟ୍ ।" ପୁଣି ସେ ଫେରିଗଲେ ଏବଂ ବିଲିଙ୍କ ଭଳି ଦକ୍ଷିଣକୁ ଚାଲିଗଲେ ।

17 ପୁଣି ମୁଁ ଭାବିଲି, "କେଉଁଠାରୁ ମୁଁ ସେମାନଙ୍କୁ କହିବାକୁ ଯାଉଅଛି?" ଏବଂ ମୁଁ କହିବାକୁ ପ୍ରତ୍ୟେକ ଆଡ଼େ ଯାଗାଟିଏ ପାଇଁ ଚେଷ୍ଟା କଲି । ମୁଁ ଏହି ପ୍ରକାର ପରିସ୍ଥିତିରେ ଥିଲି କିଛି ତଳକୁ ଯାହା ମୁଁ ଦେଖିପାରୁ ନ ଥିଲି ଯେଉଁଠାରୁ—ସେମାନଙ୍କୁ କହିବି ।

ଏବଂ କେହି ଜଣେ ବ୍ୟକ୍ତି କହିଲେ, "ଠିକ୍ ଅଛି ଏଠାକୁ ଆସ ।"

18 ମୁଁ କହିଲି, "ଠିକ୍ ଅଛି, ଆପଣ ଦେଖୁନାହାନ୍ତି କି ସେଠାରେ ଭଲ ନାହିଁ ।" ଏବଂ ସେହିସ୍ଥାନଦେଇ ମୁଁ ଆରମ୍ଭ କଲି । ପୁଣି ଏହାପରେ ମୁଁ ମନେପକାଇଲି, ମୁଁ କହିଲି, "ମୁଖ୍ୟ ବିଷୟ ମତେ କରିବାକୁ ହେବ ମୋର ହୃଦୟକୁ ନମ୍ର ରଖିବା, ପ୍ରତ୍ୟକ ସମୟରେ, ସଦାପ୍ରଭୁଙ୍କ ସମ୍ମୁଖରେ ପୁଣି ତାହାଙ୍କର ପିଲାମାନଙ୍କ ଆଗରେ ।"

19 ପୁଣି ମୁଁ ଦର୍ଶନରୁ ବାହାରକୁ ଆସିଲି । ଏବଂ ମୁଁ ଭାବିଲି, "ତାହାର ଅର୍ଥ କଣ ଅଟେ? ହୋଇଥାଇ ପାରେ ଏହାର ଅର୍ଥ ଆମ୍ଭେମାନେ ଏ ପ୍ରକାରପାଇବାକୁ ଯାଇଅଛୁ...କିମ୍ବା କେଉଁଠି ଅଛି—ଯେଉଁଠାରେ ଏହା ଘଟିବାକୁ ଯାଉଛି?" ତୁମେ ଦେଖ, କିଛି ସମୟରେ, ଦର୍ଶନରେ, ସେ ତୁମକୁ କେଉଁଠି କହିବେ ନାହିଁ, ସେ—ସେ କେବଳ କୁହନ୍ତି ଏବଂ ତୁମେ କେବଳ...ଏହା ଏକ ଦୃଷ୍ଟାନ୍ତ, ଭଳି । ଏବଂ ମୁଁ ନିଶ୍ଚିତ ତୁମେ ତାହା ପଢ଼ ବାଇବଲ ତାହା ବୁଝାଏ ।

20 ପୁଣି ତାପରେ ମୁଁ ଆଗ ଗୃହକୁ ଚାଲିଗଲି ଓ କିଛି ସମୟ ବସିଲି, ଏବଂ ଏହା ପ୍ରାୟ ସକାଳ ୩ଟା ୩୦ କିମ୍ବା 4 ଘଣ୍ଟା ସମୟ ଥିଲା । ମୋତେ ପ୍ରକୃତରେ ନିଦ ହେଲା । ମୁଁ ଚାଲିଗଲି ଓ ଶୋଇ ପଡ଼ିଲି, ଏବଂ ଗୋଟିଏ ସପ୍ନ ଦେଖିଲି, ପୁଣି ଏହା ଏକ ଅବାଗିଆ ସପ୍ନ ଥିଲା । ଏବଂ ପ୍ରାୟ ସମସ୍ତେ ଆପଣମାନେ ଜଣେ ପରିଚାଳକ, ଜାକ୍ ମୋରେଙ୍କୁ ଜାଣିଥିବେ, ଭାଇ ଜାକ୍ ମୋର । ମୁଁ ତାଙ୍କୁ କିଛି ବର୍ଷ ହେଲା ଜାଣିଛି । ମୁଁ ଏହା ଭାବିଲି ମୁଁ ତାଙ୍କ ଝିଅ ସହିତ ସମୟ ଅତିବାହିତ କରିଥିଲି, ଏକ ଝିଅ ପାଖାପାଖି ସୋତର ବର୍ଷ, ପୁଣି ତାର ହାତ ଧରି ନେଉଥିଲି, ତାକୁ ପାହାଡ଼

ଉପରକୁ ନେଉଥିଲି, ଛୋଟ ଜୋକି । ଠିକ୍ ଅଛି, ମୁଁ ତାଙ୍କୁ ଯାଣିଅଛି ଯେତେବେଳେ ବହୁତ ଛୋଟ ଥିଲା । ଏବଂ ମୁଁ ତାଙ୍କୁ ପାହାଡ଼ ଉପରକୁ କଡ଼େଇ ନେଉଥିଲି, ଓ ମୁଁ ପାହାଡ଼ ଉପରକୁ ସହରର ତିନି ବଡ଼ ଓ ଶକ୍ତ ପଥର ଦେଇ ଗଲି, ଏହି ଝିଅକୁ ଆଗୁଆ କଲି । ଏବଂ ଆମେ ଏକ ବଡ଼ ଗଛ ତଳକୁ ଆସିଲୁ, ଏବଂ ସେ ବସି ପଡ଼ିଲେ । ପୁଣି ଆଜିର ଅନେକ ଯୁବତୀ ଝିଅ ସେମାନେ ପିନ୍ଧୁଥିବା ତାହାଙ୍କର ଘାଗରା, ତୁମେ ଜାଣ, ବାହାରେ ଫୁଲି ଉଙ୍ଗିବାର ପରି, ଓ ତାର ମଧ୍ୟ ସେହି ପ୍ରକାରର ଏକ ଘାଗରା ଥିଲା । ଏବଂ ସେ ସେହି ଘାଗରାକୁ ନେଲା ଓ ଏହା ବାହାରେ ପକାଇଲାଏବଂ ତଳେ ବସିଗଲା । ଏବଂ ସାଧାରଣତଃ ଯୁବା ଲୋକ ଭଳୀ ପରସ୍ପର ଦେଖି ଅଛନ୍ତି, ସେ *ଏହିପରି* ତାର ହାତ ଭାଙ୍ଗିଲା ଓ ଆକାଶ ଆଡ଼କୁ ଦେଖିବାକୁ ଆରମ୍ଭ କଲା । ଠିକ୍ ଅଛି, ଜାକି ଜଣେ ସାନ ବହୁତ ସୁନ୍ଦର ଝିଅ, କିନ୍ତୁ ସେ ତାହାର ବହୁତ ବଡ଼ ପାଟି ଓ ବଡ଼ ବଡ଼ ଆଖି, ଓ ବାଲିଆ ଭଳି ଚୁଟି, ଏତେ ଆକର୍ଶଣୀୟ ନୁହେଁ, କିନ୍ତୁ ଏକ ସାନ ଝିଅ ।ଏବଂ ମୁଁ ତାର ବଡ଼ ବଡ଼ ଆଖି ଦେଖିପାରେ ସେହିପରି ସେ ଆକାଶ ଆଡ଼କୁ ଦେଖିଲା, ଏବଂ କେମିତି ତାର ଆଖିରେ ଆକାଶର ପ୍ରତି ଛୋବି ଥୀଲା ।

21 ଠିକ୍, ମୁଁ ତାଠାରୁ ପାଞ୍ଚପାଦ ଗଲି, ଏବଂ *ଏହି* ପ୍ରକାରେ କୋଣେଇ ଶୋଇଲି, ଓ ଗୋଟିଏ କାଠି ପାଇଲି ଓ ଏହା ପାଟିକୁ ନେଲି, ଏହି କାଠିକୁ ଚାବିବାକୁ ଲାଗିଲି । ଏବଂ ମୁଁ ଭାବିବାକୁ ଲାଗିଲି, "ମୁଁ ଏଠାରେ କଣ କରୁଅଛି? କାହିଁକି, ମୁଁ ଏଠାରେ ବୃଦ୍ଧଲୋକ, ଓ ମୁଁ ଏହି ଯୁବତି ଝିଅ ସହିତ । କାହିଁକି," ମୁଁ କହିଲି, "ମୁଁ ବାହା ହେଇଛି ଓ ଗୋଦାଏ ପିଲା ଅଛନ୍ତି । ମୋର ଏଠାରେ କୌଣସି ଦେବାନେବା ନାହିଁ ଏହି ଯୁବତି ଝିଅ ସହିତ ।"

22 ଏବଂ ମୁଁ ଉଠିବାକୁ ଆରମ୍ଭ କଲି । ଏବଂ, ଯେତେବେଳେ ମୁଁ ଥିଲେ, ଗଛ ମଧ୍ଯରୁ ଏକ ଶବ୍ଦ ହେଲା, ଓ କହିଲା, "ଏହା ଏକ ଚିହ୍ନ ପାଇଁ ଅଟେ ଏବଂ ଏକ କାରଣ ପାଇଁ ।"

23 ଏବଂ ମୁଁ ଉଠିଲି, ଓ ମୁଁ ପ୍ରାୟ ଚିତ୍କାର କଲି, ଏକ—ଏକ ଦୁଃସ୍ୱପ୍ନ । ମୁଁ ଭାବିଲି, "ଅହଃ, ଆଶ୍ଚର୍ଯ୍ୟ ଯଦି ଏହାର ଅର୍ଥ ତାହା ମୁଁ ପୂର୍ବ ଖରାପ ଅଭ୍ୟାସର ପୁନଆରମ୍ଭକରିବାକୁ ଯାଉଛି କିମ୍ବା କିଛି ମୋର ଘଟିବ? ଠିକ୍," ମୁଁ ଭାବିଲି, "ଯଦି ମୁଁ ମୋର ନିଜର ଜ୍ଞାନ ବ୍ୟବହାର କରିବାକୁ ଚେଷ୍ଟାକରେ, ତାହାହେଲେ ମୁଁ ଏହା ସମସ୍ତ ମିଶ୍ରଣ ପାଇବି, ତେଣୁ ମୁଁ ସଦାପ୍ରଭୁଙ୍କ ଉପରେ କିଛି ସମୟ ଅପେକ୍ଷା କରିବି ।" ଏବଂ ମୁଁ ପ୍ରାର୍ଥନା ଆରମ୍ଭ କଲି । ମୁଁ କହିଲି, "ପ୍ରଭୁ, ଏହି ସପ୍ନ କଣ ସେହି ଦର୍ଶନକୁ ଅଧୀକାର କରେ ଯାହା ପ୍ରାତଃକାଳୀନ ରାତିର ଅଧା ଅଟେ, କିମ୍ବା ଏହାର ଅର୍ଥ କଣ?"

24 କିଛି ସମୟ ଅପେକ୍ଷା କଲା ପରେ, ହୁଏତ ଗୋଟେ ଘଣ୍ଟା ପରେ (ମୋର ପତ୍ନୀ ପୂର୍ବରୁ ଉଠି ଥିଲେ ଏବଂ ପ୍ରାତଃକାଳୀନ ଭୋଜନ ପ୍ରସ୍ତୁତ କରିଥିଲେ ।), ତାପରେ ଶବ୍ଦ ପୂନର୍ବାର ଆସିଲା, ଏବଂ କହିଲା, "କିଙ୍ଗଷ୍ଟନ (Kingstone) କୁ ଯାଅ, ଏବଂ ଏହା କୁହାଯିବ ତୁମେ ସେଠାରେ କଣ କରିବ ।"

25 ତେଣୁ, ମୁଁ ଅତିଶିଘ୍ର କିଙ୍ଗଷ୍ଟନକୁ ଗଲି । ଏବଂ ସେମାନେ—ସେମାନେ ଯାଣିଥିଲେ ଏହା ଗୁରବାର ଅପରାହ୍ନ ସମୟରେ ମୁଁ ଶୁକ୍ରବାର ସେଠାରେ ଥିବି । ତାହାଙ୍କର ସମସ୍ତ ବିଜ୍ଞାପନରେ ଆମେ ଥିଲୁ । ମୁଁ ଅତ୍ୟଧୀକ ଭଲ ବନାଇ ଜାଣେ ନାହିଁ...?...କିମ୍ବା ଆନୁମାନିକ ଜନସମୁହ, କାରଣ ମୁ ସାଧାରଣତଃ ଏହାର ଉପରେ ଅତ୍ୟୁକ୍ତି କରେ । କିନ୍ତୁ ପ୍ରଥମ ରାତି, ମୁଁ କହିଲି ପାଖାପାଖି ବାର ଘଣ୍ଟା ଆମ୍ଭେମାନେ ଥିଲୁ, ଅହଃ, ପାଖାପାଖି ବାହାରେ ବାରଶହ ଲୋକ କାରଣ ଏହା ଗୋଟିଏ ଦିନ ପାଇଁ ଜାଣିଥିଲେ । ପୁଣି ପରବର୍ତି ଦିନ ସେମାନେ ଆରମ୍ଭ କଲେ ଦୌଡ଼ାଳୀ ଚାରି ମାଇଲ୍, ପାହାଡ଼ଉପରେ ଦୌଡ଼ିଲେ, ସହ ପ୍ରସାର କଲେ । ଜଣେ ଦୌଡ଼ାଳୀ ଚାରି ଘଣ୍ଟା ପାଇଁ ଦୌଡ଼ିବ, ଏବଂ ଏହାପରେ କିଛି ଦୌଡ଼ାଳୀ ପାହାଡ଼ ଉପରକୁ ଯିବ । ଏବଂ ଦ୍ୱିତୀୟ ରାତ୍ରରେ ସେଠାରେ ହାରାହାରି ପଞ୍ଚ ହଜାର ଲୋକ ଥିଲେ । ପୁଣିତୃତୀୟ ରାତିରେ ଏହାର ଆନୁମାନିକ ହାରାହାରି ପନ୍ଦର ହଜାର ଲୋକ ଥିଲେ, ହୁଏତ କୁଡ଼ିଏ ହଜାର ଲୋକ ଥିଲେ । ସେଠାରେ ଶହସ୍ର ଶହସ୍ର ଲୋକ ପ୍ରଭୁଙ୍କ ପାଖକୁ ଆସିଥିଲେ ।

26 ପୁଣି ଏକ ଦର୍ଶନ ଥିଲା, ଏକ ଛୋଟ ମଣ୍ଡଳୀ, ଏକ କୁମାରୀ କନ୍ୟା ଥିଲେ, ଠିକ୍ ଏକ ଛୋଟ ପିଲା, ଏବଂ ସେହି ମଣ୍ଡଳୀର କୁଆଁରିକୁ ବୁଝାଏ । ପୁଣି ତିନଟି ସହର ପ୍ରତିବନ୍ଦ ପାହାଡ଼ର ତିନି ଦିନ ଥିଲା, ମୁଁ ସେବାକାର୍ଯ୍ୟ କଲି । ଏବଂ ଛୋଟ କୁଆରୀ ମଣ୍ଡଳୀକୁ ନେବା ମୋର ସେବାକାର୍ଯ୍ୟ ଦ୍ୱାରା, ସେ କେଉଁଠାରୁ ଥିଲା, ସଦାପ୍ରଭୁଙ୍କର ଉର୍ଦ୍ଧବିଷୟ ଉପରେ, ଯେଉଁ ପର୍ଯ୍ୟନ୍ତ ସପୂର୍ଣ୍ଣ ଦ୍ୱୀପ ଦହଲି ନାହିଁ ।

27 ଏବଂ, ଅହଃ, ସେବକମାନେ ଓ ପାଖାପାଖି ଲୋକମାନେ, କାନ୍ଦୁଥିଲେ ପୁଣି ଅନୁରଧ ପ୍ରାର୍ଥନା କରୁଥିଲେ ପ୍ରବର୍ତ୍ତାଇଲେ, “କେବଳ ଗୋଟିଏ ରାତୀ କିମ୍ବା ଦୁଇ ରାତୀ ଅଧିକ,” ସହରର କର୍ମଚାରୀ ଗଣ ।

28 ଆମ୍ଭେମାନେ ପୁଏରଟୋ ରିକକୁ ସେଠାରୁ ଚାଲିଗଲୁ । ସେଠାରେ ଆମ୍ଭେମାନେ ବହୁତ ବଡ଼, ଉଚ୍ଚ ବିଜୟ ସହିତ ଭେଟିଲୁ, ଏବଂ ହଜାର ହଜାର ସମୟଠାରୁ ପଦଚିହ୍ନରେ ବାନ୍ଧିଲେ, ସେହି ପର୍ଯ୍ୟନ୍ତ ଏହା କଳନା ଥିଲା କିଛି ଚାଳିସ ହଜାର ମୁଲ୍ୟବାନ ଆତ୍ମା ପ୍ରଭୁ ଯୀଶୁଙ୍କ ପାଖକୁ ଆସିଲେ । ପୁଣି ଚାଲୁଥିବା ସମୟରେ, ମୁଁ ବିଶ୍ୱାସ କରେ ମୁଁ...ମୁଁ କହିଲି ଏହା ମୋର ନିଜ ମଣ୍ଡଳୀ, କିନ୍ତୁ ମୁଁ ଏହା ଲୋକମାନଙ୍କ ଆଗରେ କରି ପାରିବି ନାହିଁ, ପାଖାପାଖି ଯେଉଁଠାରେ ପରିବାର ବୃନ୍ଦ ନୁହନ୍ତି, କାରଣ ଏହା ଦେଖିବାକୁ ଭୁଲ ହୋଇପାରେ । କିନ୍ତୁ ମୋର ଏଠାରେ ବିଚାର କର୍ତ୍ତାଙ୍କ ନାମ ଖୋଣ୍ଡିଏ କାଗଜ ଉପରେ ଅଛି, ଯେ କହିବାକୁ ଦେଲେ ଯେତେବେଳେ ଆମ୍ଭେମାନେ ପରିତ୍ୟାଗ କରୁଥିଲୁ, ଠିକ୍ ସେଠାରେ, ସେ ପୁଣି ତାଙ୍କ ସଦସ୍ୟ ।

29 ଏବଂ ମୁଁ...ସେ—ସେ କହିଲେ, “ଆମ୍ଭେମାନେ ଏହି ଦ୍ୱିପରେ ଭିନ୍ନ ସେବକମାନଙ୍କଠାରୁ ସମ୍ମାନ ପାଇଅଛୁ ।” ସେ କହିଲେ, “ଯେତେବେଳେ ଶ୍ରୀ ବିଲିଗ୍ରାହାମ ଅଳ୍ପ ସମୟ ପୂର୍ବରୁ ଏହି ଦ୍ୱିପ ଛାଡ଼ିଲେ,” ଏବଂ କହିଲେ, “ଆମ୍ଭମାନଙ୍କର ଏକ—ଏକ ସୁନ୍ଦର ସହଭାଗିତା ଥୀଲା,” ସେ କହିଲେ, “କିନ୍ତୁ ବିଲିଗ୍ରାହାମ କିଛି ସମୟ ପୂର୍ବରୁ ଆମ୍ଭମାନଙ୍କୁ ସମାନ ସୁଭ ସମ୍ୱାଦ ଦେଲେ

ତାହା ଆମ୍ଭେମାନେ ସବୁବେଳେ ଶୁଣୁ ଅଛୁ ।" ସେ କହିଲେ, "ତାପରେ ଆମ୍ଭେମାନେ ଶ୍ରୀ ରବଟଙ୍କୁ ଏହି ଦ୍ୱୀପରେ ପାଇ ଖୁସି ମନେକରୁ ଅଛୁ," ସେ କହିଲେ, "ପୁଣି ଶ୍ରୀ ରବଟସ୍ ତିନିଦିନ ଧରି ଆମ୍ଭମାନଙ୍କୁ ସହଭାଗିତା ଦେଲେ । କିନ୍ତୁ," କହିଲେ, "ହୋଟେଲର ଖର୍ଚ୍ଚାନ୍ତ ଅଧିକ ଥିଲା," କହିଲେ, "ତିନିରାତି ପାଇଁ35 ହଜାରଡ଼ଲାର ଖର୍ଚ୍ଚ, ହୋଟେଲ ପାଇଁ ହୋଇଥିଲା ।" ସେ କହିଲେ, "ତାପରେ ଶ୍ରୀ ଓସବର୍ନ ସେଠାରେ ଥିଲେ ଯେ ଜଣେ ମହାନ ଖ୍ରୀଷ୍ଟଙ୍କର ଦାସ ଥୀଲେ । କିନ୍ତୁ," ସେ କହିଲେ, "ଯେତେବେଳେ ଶ୍ରୀ ଓସବର୍ନ ଗଲେ, ସେଠାରେ ହତାସ ଥିଲେ," କହିଲେ, "ଏପରି ଦେଖାଗଲା ଯେପରି ସବୁକିଛି ଚାଲି ଯାଇଛି ।"

30 "କିନ୍ତୁ," ସେ କହିଲେ, "ଆମେ ଏହି ସଭାରେ ଆକ୍ଷେପ କଲୁ ଯେସେଠାରେ ପ୍ରକୃତରେ ଭାଇ ବ୍ରାନାହମ୍ ପ୍ରାର୍ଥନା ପାଇଁ କୌଣସି ଲୋକ ମଞ୍ଚରେ କୁଣ୍ଠାବଧ ନ ଥିଲେ । କିନ୍ତୁ," ସେ କହିଲେ, "ସଭାର ସମାପ୍ତି ପରେ, ଆମ୍ଭମାନେ ଗୋଟିଏ ଟ୍ରକ୍ ଆଣିଲୁ ପୁରୁଣା ଚେର୍ ଗୁଡ଼ିକ ଲଡ଼୍ କଲୁ ପୁଣି ସମସ୍ତ ଜିନିଷ, ଏକାଠି କଲୁ ଏବଂ ସମସ୍ତସ୍ରୋତାଙ୍କୁ ବାହାର କଲୁ ।" ସେ କହିଲେ, "ଏହି ସମୟରେ ଏହା ଲୋକ ମାନଙ୍କର କାର୍ଯ୍ୟ ନ ଥିଲା, ସଦାପ୍ରଭୁ ଆମ୍ଭମାନଙ୍କ ମଧ୍ୟରେ ଆସିଥିଲେ," ସେ କହିଲେ ।

31 ମୁଁ କହିଲି, "ମୋର ପ୍ରାର୍ଥନା ଆସା କରନ୍ତୁ ନାହିଁ; କିନ୍ତୁ ଆପଣ ମାନଙ୍କ ପ୍ରାର୍ଥନା ସେଠାରେ ଅଛି ଆପଣ ମାନଙ୍କ ହାତ ପରସ୍ପର ଉପରେ ରଖନ୍ତୁ ।" ପୁଣି ସେମାନେ ବଧହୁଏ ଗୋଟିଏ ଡ଼ଜନ୍ ଆଣିଥିଲେ କିମ୍ବା ଦୁଇ ଡ଼ଜନ୍ ମଞ୍ଚକୁ ଆଣିଥିଲେ, ଏବଂ, ଯେତେବେଳେ ବିଚାରଶୀଳତା ତଳକୁ ଅଲାହି ଆସିବ, ଲୋକମାନେ ସମସ୍ତେ କେବଳ ଚିତ୍କାର କରିବେ । ଆମ୍ଭେମାନେ ରହିଲୁ ଏକ ଚତୁର୍ଥ ଶ୍ରେଣିର ହୋଟେଲ୍‌ରେ, ଏବଂ ଆମ୍ଭମାନଙ୍କର ସମସ୍ତ ମୂଲ୍ୟ ନିଜ ନିଜର ଦେଇଥିଲୁ ଓ ପଛା, ଆମେ ନିଜେ ।

32 ତୁମେ ତାହା କରିବାକୁ ସାହାଯ୍ୟ କଲ, ତୁମେ ନିଜେ, ସହିତ ତୁମର ଦଶମାଂଶ ଯାହା ତୁମେ ପଠାଇ ଥିଲ । ସେହିସବୁ ଏହା କାର୍ଯ୍ୟ କରିଥୀଲା । ଏବଂ ମୁଁ ଚାହେଁ ଆପଣମାନେ ତାହା ସବୁ ଯାଣନ୍ତୁ, ଏହି ସମସ୍ତ ବିଷୟ ବ୍ୟତିତ, ତୁମେ ଏଠାର ଏକ ଅଶଂ ଅଟ । ଏବଂ ଏକ ମହାନ ସୌନ୍ଦର୍ଯ୍ୟର ଦିନ ଆସିବାକୁ ଅଛି, ସଦାପ୍ରଭୁ ତୁମକୁ ତାହା ପୁରସ୍କାତ କରିବେ । ଦେଖ, ତୁମର ନଥିଲା…

33 ଯଦି ଜଣେ ଲୋକ ନିଜେ ଯାଏ ଏବଂ କିଛି ଦେଖାଏ, ତାହାହେଲେ, ତୁମେ ଦେଖିବ, ଯେତେବେଳେ ସେହି ଲୋକ ପରିତ୍ୟାଗ କରିବ, ସେମାନେ ଭାବନ୍ତି, "ଏକ ବଡ଼ ହତାଶ ହେଲେ, ସଦାପ୍ରଭୁ ଆମ୍ଭକୁ ଛାଡ଼ିଦେଲେ ।" ସଦାପ୍ରଭୁ ଆମ୍ଭକୁ ପରିତ୍ୟାଗ କରନ୍ତି ନାହିଁ । ସେ ସର୍ବଦା ତୁମ୍ଭମାନଙ୍କ ସଙ୍ଗରେ ଅଛନ୍ତି । ଦେଖନ୍ତୁ, ଏହା ତୁମକୁ କେବଳ ପ୍ରଚୁର ଭଳି ଏହି ଭିତରକୁ ନିଏ ଯେହେତୁ ଯାହାବି ହେଉ, ଯେ କୌଣସି ବ୍ୟକ୍ତି ହେଉ । ସଦାପ୍ରଭୁ ଏକ ବ୍ୟକ୍ତିଙ୍କୁ ବ୍ୟବହାର କରି ପାରନ୍ତି କେବଳ ଏକ ନିଶ୍ଚିତ ସେବାକାର୍ଯ୍ୟ ପାଇଁ, କିନ୍ତୁ ତାହାର ଅର୍ଥ ଏହା ନୁହେଁ ଯେ

ସେହି ବ୍ୟକ୍ତି ସଦାପ୍ରଭୁଙ୍କର ଗୋଟିଏ ମନପସନ୍ଦ ହୋଇଅଛି। ଏହା ତୁମର ନିଜ ବିଶ୍ୱାସ ସଦାପ୍ରଭୁଙ୍କ ଠାରେ।

34 ପୁଣି ସେମାନେ ସେଠାରୁ ବାହାରକୁ ଚାଲି ଯାଆନ୍ତି ଏକ ଛୋଟ ପୁରୁଣା ବଗି ଗୁଡ଼ିକ ଘୁରିବା ଭଳି, ଯାହା ସେମାନେ ଏକ ଛୋଟ ବଗି ଭଳିଆ ଘୁରାଇ ନିଆ ଯାଆନ୍ତି ଏବଂ—ଏବଂ ଏକ ବଡ଼ ବନାନ୍ତି, ପୁଣି ଲୋକ ମାନଙ୍କୁ ସେଠାରେ ଉପସ୍ଥାପନ କରନ୍ତି ଏବଂ ସେମାନଙ୍କୁ ଭିତରେ ଘୁରାନ୍ତି। ପୁଣି ସେବାକାର୍ଯ୍ୟ ସମାପ୍ତ ହେଲା ପରେ, ସମସ୍ତ ଦୌଡ଼ର ପାଦଚିହ୍ନ ଉର୍ନତ କରିବେ, ସେମାନେ କେବଳ ମାଲ୍ ଡ଼ବା ସହିତ ଯାଆନ୍ତି ଓ ଅଳ୍ପ ଲମ୍ବା ପୁରୁଣା ଘୋଡ଼ାଗାଡ଼ିଏବଂ ବଡ଼ବଡ଼ ପୁରୁଣା ଚେରଗୁଡିକ, ପୁଣି ଶାବଳ ଓ ସେଜ ପୁଣି ଖଟ, ପୁଣି କେବଳ ଯେଉଁଠି ସେମାନେ ଚାଲିଗଲେ ପୁଣି ସେମାନଙ୍କୁ ଛାଡ଼ିଦେଲେ, କାରଣ ସେଠାରେ ସଦାପ୍ରଭୁଙ୍କ ଉପସ୍ଥିତ ଥିଲା। ତାହା ହିଁ ଆମ୍ଭେମାନେ ଦେଖିବାକୁ ଚାହୁଁ। ଲୋକମାନଙ୍କର ଛୋବି ବାହାରେ ଥିଲା ତାପରେ, ସଦାପ୍ରଭୁଙ୍କ ଉପସ୍ଥିତି ବୁଲୁଅଛି।

35 ଫେରି ଆସୁଛନ୍ତି, କେବଳ ବର୍ତ୍ତମାନ ଏହି ସକାଳରେ ସାହାଯ୍ୟ କରିବାକୁ, ମୁଁ ଅଳ୍ପ କିଛି ମିନିଟ୍ ସମୟ ମଧ୍ୟରେ କହିବାକୁ ଯାଉଅଛି। ଏବଂ ମୁଁ ପଚାରିଲି ବାଳକମାନେ ଟେପ୍ ଖଲିବା କଥା ନୁହେଁ। ତିନିଦିନ ମୁଁ ଭାବିବାକୁ କଠିନ ଚେଷ୍ଟା କରିଅଛି, "କଣ ମୁଁ କହିଚାଲିବି?" ଏବଂ ଏହି ସକାଳ ସମୟରେ, ମୁଁ ଯିବା ପୂର୍ବରୁ, ମୁଁ ଏକ ପ୍ରକୃତ କୋଠର ଚେତାବନୀ ମୋର ହୃଦୟରେ ମଣ୍ଡଳୀକୁ ଅନୁଭବ କଲି। ଏବଂ ମୁଁ ସେମାନଙ୍କୁ କହିଲି, "ଟେପ୍ ନିଅନ୍ତୁ, କିନ୍ତୁ ସେଗୁଡ଼ିକୁ ବିକ୍ରୟ କରିବାକୁ ଦିଅନାହିଁ।"

36 କିନ୍ତୁ ଆମେ ଏହା କରିବା ପୂର୍ବରୁ, ମୁଁ ଏକ ଛୋଟ ସାକ୍ଷ ଦେବାକୁ ଚାହେଁ, ଯେ ଏହା ଆପଣଙ୍କୁ ସାନ୍ତନା ଦେଇପାରେ । ଏହା ମୋତେ ଭଲ କରିଅଛି।ଆମ୍ଭେମାନେ ତିନିଦିନ ପାଇଁ ମାଛ ଧରିବାକୁ ଗଲୁ, ଲିଓ ଓ ଜେନେପୁଣି ମୁଁ ନିଜେ, ପୁଣି ମୋର ପୁଅ ବିଲି ପୋଲ୍ ଏବଂ ତାଙ୍କ ପତ୍ନୀ, ଜଣେ ସାଙ୍ଗ ଦୁଃଖ ଅନୁଭବ କରି ତମ୍ବୁ ନିକଟକୁ ଗଲା, ଜିଓରଗିଆ ଠାରୁ ଦୁଃଖରେ ରହିଲା। ଏବଂ ସେମାନେ ଆମ୍ଭମାନଙ୍କୁ କିଛି ସନ୍ତସନ୍ତିଆ ଯାଗାକୁ ନେଇଗଲେ, ମୁଁ ଜାଣେନାହିଁ ବର୍ତ୍ତମାନ ଏହା କେଉଁଠାରେ, ଓକିକୋବି କିମ୍ବା ତାହାକିଛି ସେହିପରି ପାଖରେ, ମୁଁ ଜାଣେନାହିଁ ସେମାନଙ୍କର ନାମ ସେମିନୋଲ୍ ଭାରତୀୟ ଏହା ଦେଇଥିଲେ। କିନ୍ତୁ, ଯାହାହେଉ ଆମ୍ଭେମାନେ ବହୁତ ମାଇଲ୍ ପଛରେ ଥୀଲୁ।

37 ଏବଂ ଏହି ଭାଇ ଏଭାନ୍ସ ତାର ଭାଇ ଜଣେ ପାପି ଅଟନ୍ତି। ଏବଂ ସେ ଜଣେ ବଡ଼ ମଛୁଆଳୀ ଅଟନ୍ତି, ପୁଣି କିଛି ମାସ ପୂର୍ବରୁ ସେ ସନ୍ତସନ୍ତିଆ ଯାଗାକୁ ଯାଇଥିଲେ। ଏବଂ ସେମାନଙ୍କର ଅଛି ଯାହା ସେମାନେ "ଖଡ଼ ଖଡ଼ିଆ" ଯାଗା କୁହନ୍ତି। ପୁଣି ଖଡ଼ ଖଡ଼ିଆ ଯାଗା ତାଙ୍କୁ କାମୁଡ଼ି ଦେଲା, ଓ ସେ କେବଳ କଷ୍ଟରେ ରହୁଥିଲେ। ତାର ଗୋଡ଼ ହାତ ଫୁଲି ଯାଇଥିଲା, ପୁଣି ତାଙ୍କୁ ସେମାନେ ଡ଼ାକ୍ତରଙ୍କ ପାଖକୁ ନେଇଥିଲେ ଏବଂ ସେମାନେ ତାଙ୍କୁ ଗୁଳୀ ଗୁଡ଼ିକ ଦେଇଥିଲେ। ସେସବୁ

ଜିନିଷ ନଷ୍ଟ ହେଉଥିଲା । ପୁଣି ସେମାନେ ଅନେକ ସେଠାରେ ତୁଳା ପାଟିରେ ଥିଲେ ମଧ୍ୟ, ପାଟିର ତୁଳା, ଜୋତା, କୁମ୍ଭିର ପ୍ରାୟ କୁଡ଼ିଏ ଫୁଟ ଲମ୍ବା ।

38 ଏବଂ ଯେତେବେଳେ ଆମ୍ଭେମାନେ ସେଠାରେ ମାଛ ଧରି ଆସୁଥିଲୁ, ମୁଁ ଏକ ବଡ଼ ଧରଣର ମଧୁର ମାଛ ଧରିଥିଲି । ଅହଃ, ଏହା ପ୍ରକୃତରେ ଏକ ଆରାମ ରୋ—ରୋ ଦିନ ଥିଲା । ପୁଣି ସେ ବହୁତ ବଡ଼ ଥିଲା ମୁଁ ପାଣିରୁ ବାହାରକୁ କାଢ଼ି ପାରିଲି ନାହିଁ, ପୁଣି ସେ ଆଙ୍କୁଡ଼ିକୁ କେବଳ ଜୋରଗଦାର କଲା ଏବଂ ଯିବାକୁ ଲାଗିଲା, କିମ୍ବା ସେ ନିଜକୁ ମୁକ୍ତ କରିବାକୁ ଟାଣିଲା । ଏବଂ ଆମ ପାଖରେ ଅନେକ ଆଙ୍କୁଡ଼ି ଥିଲା, ପାଖାପାଖି ଏକ ଶହ ପୁଣି ପଚାଶ ପାଉଣ୍ଡର ବଡ଼ ଆଙ୍କୁଡ଼ି ଥିଲା । ଏବଂ ସେମାନେ, ସେମାନଙ୍କ ମଧ୍ୟରୁ କିଛି ନାନା ପାଉଣ୍ଡର ଓଜନ୍ ଥିଲା, ପୁଣି ଚାରି ଠାରୁ ସାତ, ଆଠ ପାଉଣ୍ଡ । ଏବଂ ମୁଁ ଏହି ବଡ଼ ଭାକୁର ଧରିଲି, ପୁଣି ସେ କାଢ଼ିଦେଲେ ।

39 ପୁଣି ମୁଁ ସେଠାକୁ ଫିଙ୍ଗିଲି, ଏବଂ ମୁଁ—ମୁଁ ଆଉ ଗୋଟେ ଧରିଲି, ପାଖାପାଖି ଛଅ, ସାତ ପାଉଣ୍ଡର । ଏବଂ ମୋର ଗୋଟେ ଲମ୍ବା ଖୁଣ୍ଟି ଥିଲା ଯାହା ତମେ କଇଁ ଫୁଲର ପତ୍ର ଗୁଡ଼ିକ ଧରିବାକୁ ହେବ ।ଏବଂ ଭାଇ ଇଭାନସର ଥିଲା…ଆମ୍ଭେମାନେ ସମସ୍ତେ ଭିଜିଯାଇ ଥିଲୁ ପାଣିର କମୋଳ ଜିନିଷ ଠାରୁ, କାରଣ ଏହାର କେବଳ ପଙ୍କ ଭୂମିରେ । ଏବଂ ସେ ତାର ଜୋତାକୁ ଟାଣି ଦେଇଥିଲା ପୁଣି ତାର ପାଇଯାମାର ଗୋଡ଼କୁ ଭାଙ୍ଗିଥିଲେ, ଏବଂ ଗୋଟିଏ ଛୋଟସୁଖିଲା ଯାଗାରେ ବସିଥିଲେ, ଏକ ପ୍ରକାର ତାର ପୋସାକ ସୁଖାଯାଇ ଥିଲା । ପୁଣି ସେ ଏହି ବଡ଼ ମାଛ ଆଙ୍କୁଡ଼ିର ପାଖାପାଖି ଲଟିବାର ଦେଖିଲେ, ଏବଂ ମୁଁ ତାଙ୍କ ଆଡ଼କୁ ଠେଲୁଥିଲି । ସେ କହିଲେ, "ଭାଇ ବ୍ରାନହାମ୍, କିଛି ମୁହୂର୍ତ୍ତ, ମୁ ତୁମପାଇଁ ତାକୁ ଧରିବି ।" ଏବଂ ସେ ସେଠାକୁ ଦୌଡ଼ିଗଲେ । ଏବଂ ମୁଁ ଏହା ବାହାରକୁ ଟାଣିଆଣିଲି, ଅନୁମାନ କରନ୍ତୁ ମାଛଟି ମରିବାକୁ ଯାଉଥିଲା, ପେଟ ଉପରେ ରଖାଯାଉ ଥିଲା । ଏବଂ ସେ ତାଙ୍କୁ ଉଠେଇ ନେବାକୁ ଦୌଡ଼ିଗଲେ । ପୁଣି, ଯେତେବେଳେ ସେ ଗଲେ, ସେ ତିବ୍ର ଚିତ୍କାର କଲେ, ପୁଣି ସେଠାରେ ସେ ଫେରି ଆସିଲେ । ଏକ ସାପ ତାଙ୍କୁ କାମୁଡ଼ିଲା ।

40 ଏବଂ ଆମ୍ଭେ ଏହା ନିରିକ୍ଷଣ କଲୁ, ଏବଂ ସେଠାରେ ତାଙ୍କ ପାଦରେ ବିଷ ଦାନ୍ତର ଛିଦ୍ର ଗୁଡ଼ିକ ଥିଲା ରାଟଲର୍ ଯେଉଁଠାରେ ତାଙ୍କୁ ଆଘାତ ଦେଇଥିଲା, ଏବଂ ଏହା ତାହାଙ୍କୁ କଷ୍ଟ ହେଉଥିଲା ବହୁତ ଦୁଃଖ ପର୍ଯ୍ୟନ୍ତ ତାଙ୍କ ଆଖିରୁ ଲୁହ ବାହାରୁ ଥିଲା । ସେ କହଲେ, ଏହି ପ୍ରକାର ଅନୁଭବ ହେଉଥିଲା ତାଙ୍କର ହାଡ଼ ଗୁଡ଼ିକ କେବଳ ଜଡ଼ି ହେଉଥିଲା । ଏବଂଆମ୍ଭେମାନେ, ସନ୍ତସନ୍ତିଆ ଯାଗାରୁ ବହୁତ ମାଇଲ୍ ପଛରେ ଥିଲୁ ସେ ଜଣେ ବଡ଼ ଲୋକ ତଥାପି ତାଙ୍କୁ ରଖିବାକୁ ଥିଲା । ଏବଂ ଯେତେବେଳେ ସର୍ପ ଆପଣଙ୍କୁ କାମୁଡ଼େ, ତୁମେ ଅଳ୍ପ ସମୟରେ ଦୁର୍ବଳ ହେବ ପ୍ରାୟ ମରିବା ପଯ୍ୟନ୍ତ । ଏବଂ ଲିଓ ଛିଡ଼ା ହେଇଥିଲେ ପୁଣି କିଛି ମୋ ମନକୁ ଆସିଲା, "ଏପର୍ଯ୍ୟନ୍ତ ତୁମ୍ଭେ ସଦାପ୍ରଭୁ ଅଟ!" ପୁଣି ଯେତେବେଳେ ସେ ତାର ପାଦ ଧରିଲେ ଓ ଏହାକୁ ଘୋସାଡୁ ଥିଲେ, ପୁଣି ସେହି ଦୁଇଟି ବଡ଼ ଛିଦ୍ର ସେଠାରେ ଥିଲା ଯେଉଁଠାରେ ତାକୁ ରାଟଲର୍ ହଠାତ୍ ଧରିଥିଲା, ମୁଁ ସେହି ଯାଗାରେ ହସ୍ତ ରଖିଲି ଏବଂ କହିଲି, "ସଦାପ୍ରଭୁ, ଏହା ତୁମ ବାକ୍ୟରେ ଲେଖାଯାଇ ଅଛି, 'ସେମାନେ ସର୍ପ ଓ କଙ୍କଡ଼ା ବିଛା ମସ୍ତକ ଉପରେ ମାଡ଼ି ଚାଲିବେ,

ପୁଣି ତାହାକୁ କୌଣସି ଜ୍ଞାନ ଆଘାତ କରିବ ନାହିଁ।’” ଏବଂ ସେହି ମୁହୂର୍ତ୍ତରେ, ତାଙ୍କ ପାଦର ସମସ୍ତ ଯନ୍ତ୍ରଣା ଚାଲିଗଲା। ତାଙ୍କର ସୁଜ୍ ପନ୍ଦିଲେ ପୁଣି ସମସ୍ତ ଦିନ ସମାପ୍ତ କଲେ।

41 ସେହି ରାତିରେ ଚାଲିଗଲେ ପୁଣି ସେମାନଙ୍କୁ ଏହି ବିଷୟରେ କହିଲେ, ସେମାନେ କହିଲେ, “ତୁମ୍ଭେ ଡ଼ାକ୍ତରଙ୍କ ପାଖକୁ ଗଲେ ବହୁତ ଭଲ ହେବ।”

42 ସେ କହିଲେ, “ଯଦି ସଦାପ୍ରଭୁ ମୋତେ ଏହି ପର୍ଯ୍ୟନ୍ତ ରକ୍ଷା କରିଅଛନ୍ତି, ସେ ମୋର ସମସ୍ତ ପଥରେ ଯତ୍ନ ନେବେ।” ଆମ୍ଭେମାନେ ତିନିଦିନ ମାଛ ଧରିଲୁ, ସମସ୍ତ ଦିନରେ ତାହାଙ୍କୁ କୌଣସି ରୋଗ ଆକ୍ରାନ୍ତ କଲା ନାହିଁ।

43 ସଦାପ୍ରଭୁ ସର୍ବଦା ସଦାପ୍ରଭୁ ଅଟନ୍ତି। ସେ ସମସ୍ତ ପ୍ରତିଜ୍ଞା ରଖନ୍ତି। ଏବଂ ମୋର ସମସ୍ତ ସେବାକାର୍ଯ୍ୟରେ, ଏହା ପ୍ରଥମ ଥିଲା ମୁଁ କେବେ ଦେଖିନାହିଁ ସଦାପ୍ରଭୁ ସାପ କାମୁଡ଼ା ସ୍ଥାନଙ୍କୁ ମଧ୍ୟ ଆସନ୍ତି, କାରଣ ଏହା ପ୍ରଥମ ସମୟ ଥିଲା ମୁଁ ଏ ପ୍ରକାର ସୁଯୋଗ ପାଇ ନଥିଲି ଜଣେ ସାପ କାମୁଡ଼ିଥିବା ଲୋକ ପାଇଁ ପ୍ରାର୍ଥନା କରିବି। କେବଳ ଆପଣ ଯାଣନ୍ତୁ ଯେ ସେ ତାହାଙ୍କର ସମସ୍ତ ପ୍ରତିଜ୍ଞା ରଖନ୍ତି, ଏବଂ ତାହାଙ୍କ ବାକ୍ୟ ଉତ୍ତମ ଓ ସତ୍ୟ ଅଟେ। ଆମେନ୍।

44 ମନେରଖନ୍ତୁ ଆଜି ରାତ୍ରୀର ସେବାକାର୍ଯ୍ୟ ଏବଂ ଏହି ଆସୁଥିବା ବୁଧବାର। ଏବଂ ବର୍ତ୍ତମାନ ମୁଁ ଆପଣ ମାନଙ୍କ ପାଇଁ ପ୍ରାର୍ଥନା କରିବି ଯେ ପ୍ରକୃତରେ ପ୍ରାର୍ଥନାର ଆବଷ୍ୟକ କରନ୍ତି, ସେ ମୁଁ ଅଟେ। ଏବଂ, ମନେରଖନ୍ତୁ, ଭାଇ ରବଟସଙ୍କର ସହଭାଗିତାରେ ଯୋଗ ଦେଇଥିଲୁ ଯେତେବେଳେ ଏହି ସହରକୁ ଆସିଲୁ, ପୁଣି ସମାଗମ ତମ୍ବୁରୁ ତାକୁ ସୁଭେଚ୍ଛା ଜଣାଇଲୁ।

45 ବାକ୍ୟ ଆମ୍ଭେମାନେ ପଢ଼ିବା ପୂର୍ବରୁ, ମୁଁ—ମୁଁ ପସନ୍ଦ କରେ କିଛି ସମୟ ପାଇଁ ଆମ୍ଭେମାନେ ସମସ୍ତେ ଛିଡ଼ାହେବା। ଏବଂ, ବିନା ବାଦ୍ୟଯନ୍ତ୍ରରେ ଆସନ୍ତୁ, ଗୋଟିଏ ଛନ୍ଦ ଗାଇବା କିମ୍ଵା ମଣ୍ଡଳୀର ସୁନ୍ଦର ପୁରୁଣା ସ୍ତୁତୀଗାନ ଦୁଇଟି ଗାଇବା, “ମୋର ବିଶ୍ଵାସ ତୁମକୁ ଅନାଏ।” ଠିକ୍ ଅଛି, ବର୍ତ୍ତମାନ ସମସ୍ତେ ମୋ ସହିତ ମିସାନ୍ତୁ, ପୁଣି ସମସ୍ତେ ଏହା ଗାଇବା। ପୁଣି ମୁଁ ଭାବୁନାହିଁ ତୁମ୍ଭେମାନେ କେମିତି ଗାଉଅଛ, କେବଳ ସଦାପ୍ରଭୁଙ୍କ ଗୌରବ ନିମନ୍ତେ ଗାଅ। ଭାଇ ନେବିଲ୍, ତୁମେ ଆମ୍ଭମାନଙ୍କୁ ଏଥିରେ କଢ଼େଇ ନେବ କି?

ମୋର ବିଶ୍ଵାସ ତୁମ ଉପରକୁ ଅନାଏ,
ତୁମେ କାଲବରିର ମେଷ,
ଦିବ୍ୟ ଉଦ୍ଧାରର;
ବର୍ତ୍ତମାନ ମୋର ପ୍ରାର୍ଥନା ଶୁଣ ଯେତେବେଳେ ମୁଁ ପ୍ରାର୍ଥନା କରେ,
ମୋର ସମସ୍ତ ଦୋଷକୁ କାଢ଼ି ନିଅ,
ଅ ଏହି ଦିନ ଠାରୁ ମତେ ଘଟିବାକୁ ଦିଅ
ତୁମର ସପୁର୍ଣ୍ଣ ହେବାକୁ!!

ଯେତେବେଳେ ଜୀବନ ଅନ୍ଧକାର ସେଜ ଦେଇ ମୁଁ ମାଡ଼ି ଯାଏ,
ପୁଣି ଦୁଃଖ ମୋର ଚାରିଆଡ଼େ ବିଞ୍ଚି ହୁଏ,
ତୁମ୍ଭେ ମୋର ପଥ ପ୍ରଦର୍ଷକ ହୁଅ;
ଅନ୍ଧକାର ନିଲାମ ଡ଼ାକକୁ ଆଲକକୁ ଫେରାଅ,
ଦୁଃଖ ପଛିଦିଅ, ଭୟକୁ ଦୁର କର,
ମୋତେ କେବେହେଲେ ଏଣେତେଣେ ବୁଲିବାକୁ ଦିଅନାହିଁ
ତୁମ ଠାରୁ ଅଲଗା କର ନାହିଁ।

46 ଆମ୍ଭେମାନେ ନତ ମସ୍ତକ ହେଇଥିବା ସମୟରେ, ମୁଁ ପବିତ୍ର ବାଇବଲ ରୁ ପଢ଼ିବାକୁ ଇଛା କରେ, ସାଧୁ.ମାଥିଉଙ୍କ ଲିଖିତ ସୁସମାଚାରର, 7 ଅଧ୍ୟାୟ, 13 ଓ 14 ପଦ। ପୁଣି ସଦାପ୍ରଭୁ ତାହାଙ୍କର ପ୍ରଚୁର ଆସିର୍ବାଦ ଏହା ପଢ଼ିବା ସମୟରେ ମିସାନ୍ତୁ।

*ସଂକୀର୍ଣ୍ଣ ଦ୍ୱାର ଦେଇ ପ୍ରବେସ କର କାରଣ ସର୍ବନାଶକୁ ଘେନିଯିବା ଦ୍ୱାର ଓସାର ଓ ପଥ ପ୍ରଶସ୍ତ ପୁଣି ତାହା ଦେଇ ପ୍ରବେଶ କରିବା ଲୋକେ ଅନେକ।*

*ଆଉ ଜୀବନକୁ ଘେନିଯିବା ଦ୍ୱାର ସଂକୀର୍ଣ୍ଣ ଓ ପଥ ଦୁର୍ଗମ ପୁଣି ତାହାର ସନ୍ଧାନ ପାଇବା ଲୋକେ ଅଳ୍ପ।*

47 ଆସ ପ୍ରାର୍ଥନା କରିବା। ହେ ସଦାପ୍ରଭୁ, ଯେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ମୃତ୍ୟୁ ଓ କବରରୁ ଉଠାଇଲେ, ଏବଂ ଆମ୍ଭମାନଙ୍କ ପାଇଁ ପ୍ରକାଶ କଲେ ଏହି ସକାଳର ସୁଗ୍ରାହ ବଳୀ ରୁପେ, ଆମ୍ଭେମାନେ ଆମର ଏକ ନୂତନ ଜୀବନକୁ ନମ୍ରରେ ସମର୍ପଣ କରୁଛୁ, ଏହି ମନଭାବରେ ତୁମ୍ଭେ ଆମର ମୋନଯୋଗୀ ହେଉଛ।ଯେତେବେଳେ ଆମ୍ଭେମାନେ ଯୋଦ୍ୟପି ପାପି ଥିଲୁ, ପାପରେ ପୁଣି ଅପରାଧରେ ମରିଥିଲୁ, ତୁମେ ଆପଣା ଅଦ୍ଵୀତୀୟ ପୁତ୍ରଙ୍କୁ ଦାନ କଲ, ପାପି ମନୁଷ୍ୟ ରୁପେ ସୃଷ୍ଟି କଲ, ଆମ୍ଭମାନଙ୍କ ପାପ ପାଇଁ ଶୁଭ ସୂଚକ ହେବା ପାଇଁ, ତାହାଙ୍କର ନମ୍ର, ଆମ୍ଭର ଦୋଷ ପାଇଁ କ୍ଷତିଗ୍ରସ୍ତ ହେବ, ଯେପରି ତୁମ୍ଭର ସଙ୍ଗତି ସହିତ ପୁନର୍ବାର ଆମ୍ଭେମାନେ ଏକାଠି ମିଷିପାରିବୁ।

48 ପୁଣି, ହେ ପ୍ରଭୁ, ଯଦି ଏହି ସକାଳରେ ଆମ୍ଭମାନଙ୍କ ମଧ୍ୟରେ ଏଠାରେ କିଛି ପାପ ଅଛି, ହେଇପାରେ କିଛି ଯାହା ପବିତ୍ର ଆମ୍ବାଙ୍କ ଠାରୁ ଆସୁଥିବା ସଦାପ୍ରଭୁଙ୍କ ବାକ୍ୟ ଆମ୍ଭମାନଙ୍କ ସମସ୍ତ ହୃଦୟକୁ ବାଧାଦିଏ, ଆମ୍ଭେମାନେ ପ୍ରାର୍ଥନା କରୁ ଯେ, ଦୟାକରି, ପ୍ରଭୁ, ତୁମ୍ଭେ ଆମ୍ଭମାନଙ୍କର ଅପରାଧ ପାଇଁ ଆମ୍ଭମାନଙ୍କୁ କ୍ଷମାକର। ଆମ୍ଭମାନଙ୍କୁ ଯୀଶୁ ଖ୍ରୀଷ୍ଟଙ୍କର ରକ୍ତ ଦ୍ୱାରା ଧୋଇଦିଅ। ଯାହାକୁ...ଆମ୍ଭେମାନେ ଯାଣୁ, ଆମ୍ଭମାନଙ୍କ ମଧ୍ୟରେ, ଆମ୍ଭେମାନେ କିଛି ନାହୁଁ, ପୁଣି ଆମ୍ଭେମାନେ ସ୍ୱୀକାର କରୁ ଯେ ଆମ୍ଭେମାନେ କିଛି ନାହୁଁ। କିନ୍ତୁ ତୁମ୍ଭେ ପବିତ୍ର ଅଟ, ତୁମ୍ଭେ ସତ୍ୟ ଅଟ, ତୁମ୍ଭେ ଧାର୍ମିକ ଅଟ, ତୁମ୍ଭେ ପ୍ରଚୁର ଦୟାର ନିର୍ଝର ଅଟ। ଏବଂ ଆମ୍ଭେମାନେ ସେଠାରେ ଆଜି ଦୟାରେ ପୁର୍ଣ୍ଣ ହେଇଅଛୁ, ଅନୁତପ୍ତ ଆମ୍ବା ଭଳି। ଯେପରି ଏକ ସାକ୍ଷ୍ୟରେ କେବଳ ଆଗକୁ ଯାଇ ପାରିବୁ, ଜାମାୟିକା ଠାରୁ ଏବଂ ପୁଏରଟୋ ରିକ, ପୁଣି

ଯେଉଁଠାରେ ତୁମ୍ଭେ କାର୍ଯ୍ୟ କରିଅଛ ଏପରି ମହାନ କାର୍ଯ୍ୟ ଗୁଡ଼ିକ, ହେ ପ୍ରଭୁ, ଏହା ଏକ ଚିହ୍ନ ଅଟେ କେବଳ ଆସୁଥିବା ଜଣଙ୍କର ।

49 କେମିତି ତୁମେ ଭାଇ ଏଭାନସଙ୍କୁ ସେଠାରେ ବିଷଦନ୍ତ ସର୍ପଠାରୁ ଉଦ୍ଧାର କଲ, କାରଣ ସେ ଜଣେ ବିଶ୍ୱାସି ଥିଲେ, ପୁଣି ତୁମର ବାକ୍ୟ ସର୍ବଦା ସତ୍ୟ ଅଟେ ।ବର୍ତ୍ତମାନ, ପ୍ରଭୁ, ଆମ୍ଭମାନଙ୍କୁ ଏହି ସକାଳରେ ବିଷାକ୍ତ ମରଣରୁ ଉଦ୍ଧାର କର, ଯେଉଁଠାରେ ସତ୍ରୁ କାମିଡ଼ି ଅଛି ପୁଣି ଆମକୁ ବିଷାକ୍ତ କରିଅଛି । ତୁମର ସୁସ୍ଥତାର ମଲମ ଲାଗିବାକୁ ଦିଅ, ଏହି ସକାଳରେ, ପ୍ରଭୁ, ଆମ୍ଭମାନଙ୍କର ଆତ୍ମାକୁ ପୃଥକ କରି ପୁଣି ସମସ୍ତ ଅଧାର୍ମିକତାରୁ ଆମକୁ ଧୋଇଦିଅ । ଶାରୀରିକ ଦୁର୍ବଳତାରୁ ସୁସ୍ଥ କର ଯାହା ସତ୍ରୁ ଶକ୍ତି ଦ୍ୱାରା ଭାଙ୍ଗି ଯାଇଅଛି । ତାହା ସମସ୍ତ ତାହା ଆଧାତ୍ମିକ ଦିବ୍ୟ ଉପସ୍ଥିତି ମଧ୍ୟରେ ସେମାନେ ଯେପରି ସୁସ୍ଥ ହେବେ ।

50 ବର୍ତ୍ତମାନ ଆମକୁ ତୁମ୍ଭର ଲିଖିତ ବାକ୍ୟ ଦ୍ୱାରା କଥା କୁହ, ସଦାପ୍ରଭୁ । କଣ କହିବି ଜାଣେନାହିଁ, କିନ୍ତୁ ତୁମ୍ଭେ ଏହା ଜଗାଇବ । ଏବଂ ତୁମ୍ଭେ ଆମକୁ ଚେତନା ଦିଅ, ପ୍ରଭୁ, ପୁଣି ତୁମର ଆସିବା ପାଇଁ ଆମ୍ଭମାନଙ୍କୁ ପ୍ରସ୍ତୁତ କର । ଏହା ପାଇଁ ଆମ୍ଭେମାନେ ମାଗୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ପୁଣି ତାହାଙ୍କ ପାଇଁ । ଆମେନ୍ ।

51 ମୁଁ ସର୍ବଦା କିଛି ସମୟ ବିଳମ୍ବ କରେ, କାରଣ ବର୍ତ୍ତମାନ ମୁଁ ଅପେକ୍ଷା କରିଅଛି । ଏବଂ ସନଡ୍ରେ ସ୍କୁଲ (Sunday school), ମୁଁ ଅନୁମାନ କରେ, ଏହା ସମାପ୍ତ ହେଇଅଛି । କିନ୍ତୁକିଛି ବିଷୟ ପ୍ରାୟ ଏହା ସେଠାରେ ଏଛି, ଯେତେବେଳେ ମୁଁ ଅଧୀକ ସମୟ ପାଇଲି । ତୁମେ ଯାଣ, ଆମ୍ଭେମାନେ ଏକ ବହୁ ପରିମାଣରେ ଭିଡ଼ ଭିତରେ ଅଛୁ, ଯାହାବି ହେଉ । ତେଣୁ, ଆମ୍ଭେମାନେ କେବଳ ସଦାପ୍ରଭୁଙ୍କୁ ବିଶ୍ୱାସ କରିବାକୁ ଯାଉଛୁ ।

52 ଆମ୍ଭମାନଙ୍କର ସଦାପ୍ରଭୁ ଏହି କଠୋର ଚେତାବନି ଦେଇଥିଲେ ତାହାଙ୍କରବଶଂର ଲୋକମାନଙ୍କୁ, ତାହା ସମସ୍ତ ଧର୍ମର ଲୋକମାନଙ୍କ ପାଇଁ । ପୁଣି ସେ କହିଲେ, "ସକୀର୍ଣ୍ଣ ଦ୍ୱାର ଦେଇ ପ୍ରବେଶ କର କାରଣସର୍ବନାସକୁ ଘେନିଯିବା ଦ୍ୱାର ଓସାର ଓ ପ୍ରସସ୍ତ ପୁଣି ତାହା ଦେଇ ପ୍ରବେଶ କରିବା ଲୋକେ ଅନେକ ।" ବର୍ତ୍ତମାନ, ଏହା ଏକ ପ୍ରକାର ନ ଥିଲା କାରଣ ସେମାନେ ଧାର୍ମିକ ନଥିଲେ । ସେମାନେ ବହୁତ ଧାର୍ମିକ ଥିଲେ । ପୁଣି ଏହାର କାରଣ ସେମାନେ ମଣ୍ଡଳୀର ବିଶ୍ୱାସରେ ଥିଲେ ଏବଂ କେତେକ ଧର୍ମଗତ ଓ ସଂସ୍ଥାମାନଙ୍କରେ, ସଦାପ୍ରଭୁଙ୍କ ଠାରେ ବିଶ୍ୱାସ କରିଥିଲେ (ବଢ଼ାଇବା ପାଇଁ), ସେମାନେ ଭାବିଲେ ସବୁକିଛି ଠିକ୍ ଥିଲା ।କିନ୍ତୁସେ ସେମାନଙ୍କୁ କହୁଥିଲେ ଯେ ସେଠାରେ ଅଳ୍ପ କିଛି ଭିତରେ ପ୍ରବେଶ କରିପାରିବେ ।

53 ଏବଂ ମୁଁ ଏହି ସକାଳରେ ବ୍ୟସ୍ତ ହେଉଅଛି ଯଦି ମୁଁ ସେହି ବଂଶକୁ ଏହି ବଂଶ ସହ ସମାନ କରି ପାରିବି ନାହିଁ । ଦେଖନ୍ତୁ, ଏହା ଯୀହୁଦି ମାନଙ୍କର ବିତରଣର ବନ୍ଦ ଥିଲା, ଏବଂ ସେ ଏକ ବିଭିନ୍ନ ପ୍ରକାରେ ପଛକୁ ଦର୍ଶାଉଥିଲେ ଓ ଭିନ୍ନ ସମାପ୍ତିର ଭିନ୍ନ ବିତରଣ ଗୁଡ଼ିକ, ପୁଣି ସେମାନଙ୍କୁ କହୁଥିଲା ଯେ ଏକ ନିର୍ଦ୍ଧିଷ୍ଟ ବିଷୟ ଯାହା ପୂର୍ବଜମାନେ ବାଣ୍ଟିବର ଘଟି ଆସୁଥିଲା

ତାହା ସେମାନଙ୍କ ସମୁଖରେ କରାଯାଉ ଥିଲା । ତଥାପି ସେମାନେ ଏହା ଯାଣି ପାରି ନ ଥିଲେ । ପୁଣି କିଛି ବିଷୟରେ ଆସ ଦେଖିବା ଯାହା ସେ କହୁଥିଲେ ।

54 ସେମାନେ, ଦୃଷ୍ଟାନ୍ତ ପାଇଁ, ସଦାପ୍ରଭୁ ସେହି ମନୁଷ୍ୟ ଭିତରେ ଥିଲେ ତାହା ବିଶ୍ୱାସ କଲେ ନାହିଁ । ତାହା ଏକ ବଡ଼ ପ୍ରତିବନ୍ଧକ ଥିଲା ଯାହା ସେମାନଙ୍କୁ ସେହି ଉପର ଦେଇ ଯିବାକୁ ଥିଲା, କେଉଁ ପ୍ରକାରେ କେଉଁ ପ୍ରକାରେ ସେ ମନୁଷ୍ୟ ଥିଲେ ତଥାପି ସେ ନିଜକୁ ପ୍ରଭୁ ସଦାପ୍ରଭୁ ଗଠିତ କଲେ । ସେମାନେ ଦେଖି ପାରିଲେ ନାହିଁ କେମିତି ସଦାପ୍ରଭୁ ମନୁଷ୍ୟ ଶରୀରରେ ବାସ କଲେ । ପୁଣି ସବୁ ଯୁଗରେ, ସବୁ ସମୟରେ, ସଦାପ୍ରଭୁ ମନୁଷ୍ୟ ଭିତରେ ବାସ କରିଅଛନ୍ତି । ମନୁଷ୍ୟ ସଦାପ୍ରଭୁଙ୍କ ସଦଷ୍ୟ ଅଟେ । ପ୍ରତ୍ୟେକ ଯୁଗରେ, ସଦାପ୍ରଭୁ ତାହାଙ୍କର ଲୋକମାନଙ୍କୁ ମନୁଷ୍ୟ ମୂଖ ଦ୍ୱାରା କଥା କୁହନ୍ତି । ସେ ସର୍ବଦା ଜଣଙ୍କୁ ଖୋଜନ୍ତି କିମ୍ବା କିଛି ବିଷୟ ଯାହା ସେ ବ୍ୟବହାର କରିପାରିବେ ।

55 ପୁଣି ସେ ସେମାନଙ୍କୁ ସୂଚାଇଲେ, ଯେପରି ଏକ ପ୍ରକାର ଝୁଣ୍ଟିବା ସତ୍ତ୍ୱେ, ଅବ୍ରାହମଙ୍କ ବିଷୟ । ସେ କହିଲେ, ସେମାନଙ୍କୁ କହିଲେ, "ଯଦି ତୁମ୍ଭେମାନେ ନିଜକୁ 'ଅବ୍ରାହମର ସନ୍ତାନ' ବଲି କହୁଛ, ଅବ୍ରାହମ ତୁମର 'ପିତା', ସେ ମୋର ଦିନ ଦେଖିଲେ ପୁଣି ଏହା ଦେଖିବାରୁ ଆନନ୍ଦ କଲେ । ଅବ୍ରାହମ, ଜଣେ ଭବିଷ୍ୟତ ବ୍ୟକ୍ତା ।" ଏବଂ କୌଣସି ସନ୍ଦେହ ନାହିଁ ଯାହା ଯୀଶୁ ସେମାନଙ୍କୁ ସୁଚାଇ ଥିଲେ ତାହା ସେ ସେମାନଙ୍କୁ ପ୍ରମାଣ ଦେଇଥିଲେ ଯେହେତୁ ସେ ମଶୀହ ଥିଲେ, କାରଣ ମଶୀହଙ୍କର ଚିହ୍ନ ତାହାଙ୍କୁ ଅନୁସରଣ କରୁଥିଲା । ପୁଣି ଏହା ଘଟିଥିଲା ସେହିଦ୍ୱାରା ପ୍ରତ୍ୟେକ ଯୁଗ ପାଇଁ, ତାହା, ଏକ ମଶୀହଙ୍କ ଚିହ୍ନ ଅଟେ । କିନ୍ତୁ ତଥାପି ସେ ନିଜକୁ ସଦାପ୍ରଭୁ କହିଲେ, ମଶୀହ ନିଜେ, ତାହା ସେମାନଙ୍କୁ ପ୍ରତିବନ୍ଧକ କଲା । ସେମାନେ ଏହା ବୁଝି ପାରିଲେ ନାହିଁ ।

56 ବର୍ତ୍ତମାନ, ଯେତେବେଳେ ଅବ୍ରହାମ (ଯାହାଙ୍କୁ ସେମାନେ ସେମାନଙ୍କର ପିତା କୁହନ୍ତି) ସଦାପ୍ରଭୁଙ୍କୁ ଭେଟିଲେ, ସେ ମଧ୍ୟ ଶରୀରରେ ଥିଲେ, କାରଣ ସେ ଏକ ବାଛୁରିର ମାସଂ ଖାଇଲେ, ମକାର ରୋଟି ଖାଇଲେ, ପୁଣି ଖୀର ପିଉଛନ୍ତି, ଓ ଦୋହି, ଅବ୍ରାହାମଙ୍କ ସମୁଖରେ, ଏବଂ ତଥାପି ସେ ସଦାପ୍ରଭୁ ଥିଲେ । ଅବ୍ରାହମ ତାହାଙ୍କୁ ଜାଣିଲେ, ସଦାପ୍ରଭୁ, ଏବଂ ତାହାଙ୍କୁ କହିଲେ "ଏଲୋହିମ୍," ଯାହା ଅର୍ଥ ଅଟେ ସର୍ବଶକ୍ତିମାନ ଯୀହୱା । ଜଣେ ମନୁଷ୍ୟ ଲୁଗା ପିନ୍ଧୁଛି, ତାର ଦେହର ଧୂଳୀ ସହିତ, ଏବଂ ଗଛ ତଳେ ରହୁଛି, ଛାଇ ପାଇଁ, ଏବଂ ମାସଂ ଖାଏ ପୁଣି ଖିର ପିଏ । ତାପରେ ସେସବୁର ଅଣ୍ଡା, ନିଷ୍ଠୁର ଖରା, ସ୍ୱାର୍ଥପର, ଧାର୍ମିକ ଯୀହୁଦି ଲୋକ ବିଶ୍ୱାସ କଲେ ନାହିଁ ସେ ଜଣେ ସଦାପ୍ରଭୁଙ୍କ ପୁତ୍ର, ଏବଂ ଅବ୍ରାହମ ସେମାନଙ୍କ ପିତା କହୁଥିଲେ । ପୁଣି ସେ ସେମାନଙ୍କୁ ଜଣେଇ ଦେଉଥିଲେ ଯେ ସେ ସମାନ ବିଷୟ କହୁଥିଲେ, ତାହାଙ୍କର ଶରୀରରେ, ତାହା ସଦାପ୍ରଭୁ ଅନ୍ୟ ଶରୀରରେ କଲେ ଯେତେବେଳେ ସେ ସେମାନଙ୍କର ପିତାଙ୍କୁ ଭେଟିଲେ, ଅବ୍ରାହମ । ଏବଂ ଅବ୍ରାହାମ ତାହା ବିଶ୍ୱାସ କଲେ ପୁଣି ସେମାନେ ଏହା ବିଶ୍ୱାସ କଲେ ନାହିଁ ।

57 ତୁମେ ଦେଖ, ଯେତେବେଳେ ଅବ୍ରାହମ ତାର ତମ୍ବୁ ଭିତରେ ବସିଥିଲେ କାରଣ ସେ ଏକ ପସନ୍ଦ କରିଥିଲେ, ଏବଂ ତାହାର ପସନ୍ଦ ସମସ୍ତ ଲୋକଙ୍କ ସମ୍ମୁଖରେ ଅଣାଗଲା ତାହାର ଜନ୍ମ ଏହି ଭୁପୃଷ୍ଟରେ ହେଇଥିଲା । ଏକ ଭଲ ଓ ମନ୍ଦର ଗଛ ସମସ୍ତ ମନୁଷ୍ୟ ସମ୍ମୁଖରେ ରଖାଯାଇ ଅଛି ।ଏବଂ ଯେତେବେଳେ ଲୋଟ, ତାର ପୁତୁରା, ଏବଂ ସେମାନଙ୍କର ପଶୁପାଳକ ମାନେ ଯାଗା ବିଷୟରେ ବିବାଦ ଆରମ୍ଭ କଲେ; ଅବ୍ରାହମ, କେବଳ ମନୁଷ୍ୟ ସତ୍ତ୍ୱେ, ସେମାନଙ୍କୁ କହିଲେ, "ମୁ ବିନୟ କରୁଅଛି ତୁମ୍ଭ ଆମ୍ଭ ମଧ୍ୟରେ ବିବାଦ ନ ହେଉ । ତୁମେ କେଉଁ ରାସ୍ତାରେ ଯିବ କେବଳ ତୁମେ ବାଛ ।" ସେହି ସ୍ଥାନ ପ୍ରତ୍ୟେକ ବିଶ୍ୱାସିଙ୍କ ଜୀବନ ମଧ୍ୟରେ ଆସେ । ଏବଂ ଏହି ସକାଳରେ ଏହା ତୁମ୍ଭମାନଙ୍କ ସମ୍ମୁଖରେ ଅଛି, ପୁଣି ଏହା ମୋ ସମ୍ମୁଖରେ ଅଛି ।

58 ଲୋଟ ଭାବି ନ ଥିଲେ ଯେ ସେ ପଛକୁ ଫେରିଯାଉ ଥିଲେ, କିନ୍ତୁ ସେ ସୋଦମ ଆଡ଼କୁ ଦେଖି ଚାଲିଗଲେ ଯେଉଠି କାର୍ଯ୍ୟ ସହଜ ଥିଲା । ଏବଂ ଏଠାରେ ଅନେକ ସମୟରେ ଯାହା ଆମ୍ଭେମାନେ ସହଜ ଆଡ଼କୁ ଦେଖିଥାଉ । "ମୁଁ ଏହି ପ୍ରକାରେ ମଣ୍ଡଳୀରେ ଭାରନେବି, ଏବଂ, ତୁମେ ଦେଖ, କେହିମଧ୍ୟ ଏହି ବିଷୟରେ ଅପରୋଧ କରିବେ ନାହିଁ, କାରଣ ଏହା ଏହି ସହରର ସବୁଠୁ ବଡ଼ ମଣ୍ଡଳୀ ଅଟେ ।" ଏକ ସହଜ ରାସ୍ତା! ଅନେକ ସମୟରେ ତାହା ଆମେ କରୁ, ଯେତେବେଳେ, ଆମ୍ଭମାନେ ଭୁଲ ଅଟୁ!

59 ମନେପକାନ୍ତୁ, ଯଦି ତୁମେ ଖ୍ରୀଷ୍ଟଙ୍କୁ ଅନୁଶରଣ କର, ତୁମେ ଲୋକମାନଙ୍କ ଦ୍ୱାରା ଘୃଣିତ ହେବ, ସମସ୍ତେ ଯେ ଯୀଶୁ ଖ୍ରୀଷ୍ଟଙ୍କ ପ୍ରଭୁତ୍ତ୍ୱରେ ବାସ କରନ୍ତି ନିର୍ଯାତନା ସହିବେ ।ଏବଂ ଯଦି ତୁମେ ଖ୍ରୀଷ୍ଟଙ୍କ ପାଖକୁ ଆସିବ, ତୁମେ କୌଣସି ମଣ୍ଡଳୀ ଦ୍ୱାରା ଆସିବ ନାହିଁ କିମ୍ୱା କୌଣସି ସଂସ୍ଥା, କିମ୍ୱା କୌଣସି ଧର୍ମଗତରେ ଆସିବ । ତୁମେ ରକ୍ତ ଦ୍ୱାରା ଆସିବ, ତାହା ହିଁ କେବଳ ମାର୍ଗ ଅଟେ । ପୁଣି ତୁମେ କୌଣସି ଲୋକକୁ ସାଥିରେ ଆଣି ପାରିବ ନାହିଁ, ତୁମେ କେବଳ ଆସିବ ଓ ତୁମେ ନିଜର ସ୍ୱୀକାର ଓ ତୁମର ନିଜ ବିଶ୍ୱାସରେ ଛିଡ଼ାହେବ । ତୁମେ ପାଳକଙ୍କ ଦ୍ୱାରା ଚାଲିବ ନାହିଁ, କିମ୍ୱା ତୁମ୍ଭର ମାତାଙ୍କ ବିଶ୍ୱାସ ଦ୍ୱାର । ତୁମେ ଯେପରି ବ୍ୟକ୍ତିଗତ ଭାବେ ଆସିବ ଯେତେବେଳେ ତୁମେ ସଦାପ୍ରଭୁଙ୍କ ପାଖକୁ ଆସିବ!ପୁଣି ଅନେକ ସମୟରେ ଆମେ ସେହିପରି ଭୁଲ୍ ନିସ୍ୱତି ନେଉ ।

60 କଣ ଯଦି ଲୋଟ, ଯେତେବେଳେ ସେ ସମସ୍ତ ସହଜ ବିଷୟ ଦେଖିଲା…? ସେ ଦେଖିଲା ଯେଉଁଠାରେ ପ୍ରଚୁର ଧନ ଓ ପ୍ରଚୁର ଲୋକ ପ୍ରିୟତା ଥିଲା, କାରଣ ସେ ଅଜଣା ଥିଲେ, ପୁଣି ଜଣେ ଚାଲାକ୍ ବ୍ୟକ୍ତି, ସିକ୍ଷିତ, ଜଣେ ମନସ୍ତତ୍ତ୍ୱରେ ପ୍ରଚୁର, ପୁଣି ସେ ଏକ ନିର୍ଦ୍ଧିଷ୍ଟ ବିଷୟ କରିପାରିବେ ପୁଣି ତଥାପି ତାର ଧର୍ମକୁ ବଜାଇ ରଖିବେ ।ସେ ଭାବିଲା, "ମୁଁ ସଦାପ୍ରଭୁଙ୍କ ଠାରେ ବିଶ୍ୱାସ ରଖିଛି, ତେଣୁ ମୁଁ କେବଳ ସଦୋମ ଆଡ଼କୁ ଯିବି ଏବଂ ମୁଁ—ମୁଁ କିଛି ଅଧିକ ଧନ ଆଦାୟ କରିବି, ଏବଂ ମୁଁ ମହାନ ବ୍ୟକ୍ତି ହେବି, ହଇପାରେ ଜଣେ ବିଚିତ୍ର ପ୍ରଚାରକ ।" ଦେଖନ୍ତୁ, ତୁମେ ନିଜେ ନିସ୍ୱତି ନେବାର ଅଛି ।

61 ପୁଣି ବିଶ୍ୱାସିମାନଙ୍କର ନିସ୍ୱତି କରିବାର ଅଛି ।"ମୁଁ ଏହି ନିର୍ଦ୍ଧିଷ୍ଟ ମଣ୍ଡଳୀ ସେଠାକୁ ଯିବି । ଅହଃ, ପ୍ରତ୍ୟେକ ଜଣ ସହରରେ ଭାବୁଛନ୍ତି ଏହା ନିଶ୍ଚିତ ଅଟେ! କାହିଁକି, ସହରର ମୁଖିଆ ଏହି ମଣ୍ଡଳୀର ଅଟନ୍ତି ।" ବର୍ତ୍ତମାନ, ସେ ମଣ୍ଡଳୀରେ ରହିଥାନ୍ତି ଯାହା ପ୍ରକୃତରେ ଭଲ ଥିଲା, କିନ୍ତୁ ତଥାପି ମଣ୍ଡଳୀ ତାହା ତୁମକୁ ନିର୍ଣ୍ଣୟ କରିବାକୁ ହେବ ପୁଣି ଏହି ଲୋକମାନଙ୍କ ଦ୍ୱାରା ବାକ୍ୟ ଅଟେ । ବେଳେବେଳେ ସେମାନେ ଯାଆନ୍ତି କାରଣ ଏହି ରାସ୍ତା ଲୋକ ପ୍ରିୟ ଅଟେ, ଏକ—ଏକ ଲୋକମାନେ ଭଲ ପିନ୍ଧନ୍ତି ଯେ ନିର୍ଦ୍ଧିଷ୍ଟ ଯାଗାକୁ ଯିବାକୁ । ଏବଂ ସେଠାରେ କେଉଁଠି ଆମେ ଏକ—ଏକ ବହୁତ ବଡ଼ ଭୁଲ କରିଥାଉ । ବର୍ତ୍ତମାନ ଏହା ଧ୍ୟାନ ଦିଅନ୍ତୁ ।

62 ପୁଣି ଅବ୍ରାହମ, ଗୋଟିଏ ବଷୟ ସେ ଦ୍ୱୀତୀୟ ପସନ୍ଦ କରିବାକୁ ହେବ । ପୁଣି କିଛି ସମୟରେ ଦ୍ୱୀତୀୟ ପସନ୍ଦ ପ୍ରଥମ ଅପେକ୍ଷା ଉତ୍ତମ ହଇଥାଏ, ଯଦି ଏହା ସେହିପରି ହଇଥାଏ । ଧ୍ୟାନଦିଅ, ଲମ୍ୱା ନ ଥିଲା କି, ଯେତେବେଳେ ଲୋଟ ଏକ ବଡ଼ ସହର ଦେଖିଲା, ସେ ଆପଣା ପତ୍ନୀର ଲବଣ ସ୍ତମ୍ଭକୁ ପରିବରର୍ତ୍ତନ କୁ ଦେଖିନ ଥିଲା, ଯଦ୍ୟପି, ସେ ସହୋର ଜଳିବାର ଦେଖି ନ ଥିଲେ । କିନ୍ତୁ ଅବ୍ରାହମ ସଦାପ୍ରଭୁଙ୍କ ସହିତ ଅଳ୍ପ ଅପସନ୍ଦ ରାସ୍ତାକୁ ବାଛିଲେ ସେ ମରୁଭୂମିରେ ରହିଲେ ।

63 ପୁଣି, ତଥାପି, କଣ ଯଦି ସାରା କହିପାରି ଥାନ୍ତେ...ବର୍ତ୍ତମାନ ମନେରଖ, ସାରା ସମସ୍ତ ଜାଗାରେ ଜଣେ ସୁନ୍ଦରୀ ପତ୍ନୀ ଥିଲେ । ସେଠାରେ କୌଣସି ପତ୍ନୀ ସାରାଙ୍କ ପରି ଗୋରା ନଥିଲେ । ସମସ୍ତେ, ତାହାଙ୍କୁ ଦେଖିଲେ, ତାହାଙ୍କ ପ୍ରେମରେ ପଡ଼ିଗଲେ । ବର୍ତ୍ତମାନ, ସାରା ପାଇଁ ଏହା କେତେ ସୁଯୋଗ ହେଇଥିବ । ଯେ ପ୍ରକାରର ପସନ୍ଦ ନେବାକୁ । କିନ୍ତୁ ସେ ଅବ୍ରାହମଙ୍କ ସହିତ ରହିବାକୁ ପସନ୍ଦ କଲା ।

64 ଅହଃ, ମହିଳା ଗଣ, ତୁମକୁ ଶୟତାନ ଅନ୍ଧ ନ କରୁ, ଜନପ୍ରିୟ ହେବାପାଇଁ ପୁଣି *ଏଠାରେ* ଓ *ସେଠାରେ* ଯୋଗ ଦେବାପାଇଁ । ତୁମେ ଖ୍ରୀଷ୍ଟଙ୍କ ସହିତ ରହନ୍ତୁ! କାରଣ, ସମୟ ହାତରେ ଅଛି, ଭୟଙ୍କର ତାଡ଼ନାର ଦିନ ଆଗକୁ ଅଛି, ସଦୋମ ଓ ଗମୋରା ଠାରୁ ଭୟଙ୍କର, କାରଣ ଏହି ଦେଶ । ସଦୋମ ଓ ଗମୋରା ଏହାକୁ କିଣିବ ।

65 ବର୍ତ୍ତମାନ, ଯେତେବେଳେ ଅବ୍ରାହମଙ୍କୁ ଯାହା ସଦାପ୍ରଭୁଙ୍କ ଦ୍ୱାରା ଦିଆ ଯାଇଥିଲା, ସେ ସେହି ପଥ ନେଲେ ପୁଣି ସେହି ଯାଗାରେ ଲାଗି ରହିଥିଲେ, ସେ ସମସ୍ତଙ୍କ ଠାରୁ ଧନବାନ ନଥିଲେ । କିନ୍ତୁ ତଥାପି ସେ ଗୋଟିଏ ବିଷୟ ଜାଣିଥିଲେ, ସେ ସଦାପ୍ରଭୁଙ୍କ ସେବା କଲେ ପୁଣି ସେ ସଦାପ୍ରଭୁଙ୍କୁ ବିଶ୍ୱାସ କଲେ ।

66 ତେଣୁ ଗୋଟିଏ ଦିନ ସେଠାକୁ ତିନି ଜଣ ବ୍ୟକ୍ତି ଆସିଲେ, ଏବଂ ସେମାନେ ଧୂଳୀରେ ପୁଣି ସପୁର୍ଣ୍ଣ ଭାବେ ଘୋଡ଼େଇ ହେଉଥିଲେ, ଏବଂ ଅବ୍ରାହମ ସେମାନଙ୍କ ପାଇଁ ଦୁଃଖ ଅନୁଭବ କଲେ, ସେ କହିଲେ, "ଆସ ପୁଣି କିଛି ସମୟ ମୋର ତମ୍ବୁ ଭିତରେ ବସ ।" ପୁଣିଯେତେବେଳେ ସେ ସେଠାରେ ଛିଡ଼ାହଇ ସେମାନଙ୍କୁ କଥା ହେଉଥିଲେ, ସେ ଅନୁଭବ କଲେ ଯେ ସେମାନେ କେବଳ ସାଧାରଣ ବ୍ୟକ୍ତି ନୁହନ୍ତି । ସେମାନଙ୍କ କଥା ଦ୍ୱାରା, ସେମାନେ ପୃଥକ ଥିଲେ । ପୁଣି

ଅବ୍ରାହମ ଗଲେ ଏବଂ ଗୋଟିଏ ବାଛୁରିକୁ ମାରିଲେ ଏବଂ ଏହା ପ୍ରସ୍ତୁତି କଲେ, ପୁଣି ସାରାକୁ ରୋଟି ବନେଇବାକୁ କହିଲେ ପୁଣ ସେମାନଙ୍କୁ ଖୁଆଇବାକୁ ପ୍ରସ୍ତୁତ କଲେ ।

67 ବର୍ତ୍ତମାନ ମନେରଖନ୍ତୁ, ସେମାନଙ୍କଠୁ ଦୁଇ ଜଣ ସର୍ଗଦୁତ ଥିଲେ, ସର୍ଗଦୂତ ମନିଷ୍ୟ ଶରୀରରେ, ଏବଂ ସେମାନଙ୍କର ଅନ୍ୟ ଜଣେ ସଦାପ୍ରଭୁ ନିଜେ ଥିଲେ । ପୁଣି ଜଣେ ଯେ ସଦାପ୍ରଭୁ ଥିଲେ ତାହାଙ୍କ ପଛପଟୁ ତମ୍ବୁ ଆଡ଼କୁ ବୁଲିଥିଲେ ।

68 ପୁଣି ସାରା ତମ୍ବୁ ଭିତରେ ଥିଲେ । ମୁଁ ଜଣେ ନାରୀଙ୍କୁ ତାହାଙ୍କ ପରି ଦେଖିବାକୁ ପସନ୍ଦ କରେ, ବାହାରକୁ ଯାଏ ନାହିଁ ପୁଣି ତାର ସ୍ୱାମିଙ୍କୁ କଣ କରିବାକୁ ହେବ କହିବ, ପୁଣି ପ୍ରତି ସମୟରେ ଜଣଙ୍କ ଚତୁପାର୍ଶରେ ଆସେ । କିନ୍ତୁ ସେ ତମ୍ବୁ ଭିତରେ ଥିଲେ । ସନ୍ଦେହ ନାହିଁ, ହେଇପାରେ ଥାଳୀ ଗିନା ଧଉଥିବେ କିମ୍ବା କିଛି ବିଷୟ କରୁଥିବେ ।

69 ପୁଣି ଏହି ଜଣେ ଯେ ସଦାପ୍ରଭୁ ଥିଲେ, ସେ ସଦୋମ ଆଡ଼କୁ ବାରମ୍ବାର ଦେଖିବାକୁ ଲାଗିଲେ, ପୁଣି ସେ ସେମାନଙ୍କୁ କହିଲେ ସେ କଣ କରିବାକୁ ଜାଉଥିଲେ । ଏବଂ ଦୁଇ ଜଣ ସର୍ଗଦୂତ ଗଲେ ସେଠାରେ ସୁସମାଚାର ପ୍ରଚାର କରିବାକୁ । କିନ୍ତୁ ଜଣେ ପଛରେ ରହିଗଲେ, ପୁଣି ସେ ଜଣକ ସଦାପ୍ରଭୁ ଥିଲେ, ପୁଣି ସେ କହିଲେ, "ମୁଁ ଅବ୍ରାହମଙ୍କ ଠାରୁ ଗୁପ୍ତ ରଖିବାକୁ ଯାଉନାହିଁ ତାହା ମୁଁ ଜାଣେ, କାରଣ ସେ ପୃଥିବୀର ଦାୟିତ୍ୱ ନେବ ।"

70 ଅହଃ, ଆମ୍ଭେ ଏହି ସକାଳରେ ପାଇଲୁ, ମଣ୍ଡଳୀ, ସଦାପ୍ରଭୁଙ୍କର ଆସିବାର ଗୁପ୍ତ ରହସ୍ୟ ଯାଣିବାକୁ । କାରଣ, "ଶାନ୍ତିକାରକ ଲୋକେ ଧନ୍ୟ, ସେମାନେ ସଦାପ୍ରଭୁଙ୍କ ସନ୍ତାନ ବୋଲି ଖ୍ୟାତ ହେବେ । ଧାର୍ମିକତା ନିମନ୍ତେ କ୍ଷୁଧିତ ଓ ତୃସିତ ଲୋକେ ଧନ୍ୟ, କାରଣ ସେମାନେ ପରିତୃପ୍ତ ହେବେ । ଆତ୍ମାରେ ଦୀନହୀନ ଲୋକେ ଧନ୍ୟ, କାରଣ ସେମାନେ ସଦାପ୍ରଭୁଙ୍କ ଦର୍ଶନ ପାଇବେ । ନମ୍ର ଲୋକେ ଧନ୍ୟ କାରଣ ସେମାନେ ପୃଥିବୀର ଅଧିକାରୀ ହେବେ ।" ତାପରେ, ଯଦି ଜୀବିତ ସଦାପ୍ରଭୁଙ୍କ ମଣ୍ଡଳୀ ପୃଥିବୀର ଅଧିକାରୀ ହେବ, ସେଠାରେ ଏହାର ଗୁପ୍ତ ବିଷୟ ରଖାଯିବ ନାହିଁ ।

71 ଯୀଶୁ କହିଲେ, "କାରଣ ମୁଁ ମୋହର ପିତାଙ୍କଠାରୁ ଯାହା ଯାହା ଶୁଣିଅଛି, ସେ ସବୁ ତୁମ୍ଭମାନଙ୍କୁ ଜଣାଇ ଅଛି ।" ପୁଣି ସେମାନେ ତାହାଙ୍କୁ ବିଶ୍ୱାସ କଲେ ନାହିଁ ।

72 ତେଣୁ ଅବ୍ରାହମଙ୍କ ଦିନଗୁଡ଼ିକରେ, ଯେପରି ସେ ସେମାନଙ୍କୁ ଦର୍ଶାଉ ଥିଲେ, ସେ କହିଲେ ଯେ ଯେପରି ଅବ୍ରାହମ ଦୂତଙ୍କୁ କଥାହେଲେ, ଏବଂ ତାହାଙ୍କ ପଛ ପଟୁ ତମ୍ବୁ ଆଡ଼କୁ ଥିଲେ, ଏବଂ ସେ ଅବ୍ରାହମଙ୍କୁ କହିଲେ ସେ ଗୋଟେ ସନ୍ତାନ ସହିତ ତାହାଙ୍କୁ ଭେଟିବାକୁ ଯାଉଥିଲେ । ଏବଂ ସାରା, ତମ୍ବୁ ଭିତରେ, ହସିଲେ । ଏବଂ ସେ କହିଲେ, "ସାରା କାହିକି ହସିଲ?" କଣ ସେ ଦେଖାଉ ଥିଲେ?"କାହିକି ସାରା ହସିଲେ?" ଏହା କେବଳ କିଛି ଘଣ୍ଟା ଧ୍ୱସଂ ପୂର୍ବରୁ, ଯେତେବେଳେ ତାହା ଘଟିଗଲା । ଧ୍ୱଂସର କିଛି ମୁହୁର୍ତ୍ତ ପୂର୍ବରୁ, ଯାହା ଆକାଶରୁ ଅଗ୍ନୀ ବୃଷ୍ଟି କଲା ଏବଂ ସହରକୁ ଜାଳିଦେଲା, ପୁଣି ତାହାର ଲକ୍ଷ୍ୟଣ ଦେଖାଯାଇ ଥିଲା ।

73 ଏବଂ ଯୀଶୁ କହିଲେ "ତୁମ୍ଭେ ଭୁଲ୍ କରୁଅଛ", ମହାନ ଚିକିତ୍ସକଙ୍କ ଦେବତ୍ୱକୁ, ଧାର୍ମିକର ଦେଶକୁ ଯେଉଁଠାରେ ପ୍ରକୃତରେ ମିଲିୟନ୍ ଲୋକମାନେ ବିଶ୍ୱାସି ଥିଲେ ।ସେ କହିଲେ, "ତୁମ୍ଭେ ଭୁଲ୍ କରୁଅଛ, ବାକ୍ୟକୁ ଯାଣିନାହଁ କିମ୍ୱା ସଦାପ୍ରଭୁଙ୍କର ସାମର୍ଥ୍ୟକୁ ଯାଣିନାହଁ ।" ସେହି ପ୍ରକାର ଯୁଗୋକୁ, ସେଠାରେ ଉଚ୍ଚ ତାଲିମ ପ୍ରାପ୍ତ ଲୋକେ ଥିଲେ, ପୁଣି ସେଠିରେ ବିଦ୍ୱାନ ଏବଂ ଉଠିତ ମଣ୍ଡଳୀ । ଯେତେବେଳେ ଏକ ସନ୍ତାନ ଜନ୍ମ ହେଲେ, ଏହା ମଣ୍ଡଳୀର ସମ୍ପତି ଥିଲା । ତୁମକୁ ଇଶ୍ରାୟେଲର ହେବାର ଥିଲା । ଆଠଦିନ ତୁମର ଜନ୍ମ ପରେ, ଏହା ସୁନ୍ନତ କାରଣ ଥିଲା, ଏବଂ ତୁମେ ଇଶ୍ରାୟେଲର ସନ୍ତାନ ହେଲ । ପୁଣି ଯାଜକ ଲେବିୟଙ୍କ ଠାରୁ ଆସିଲା, ଯେଉଁମାନଙ୍କୁ ସହସ୍ର ବର୍ଷ ଧରି କାର୍ଯ୍ୟରେ ତାଲିମ ଦିଆ ଯାଉଥିଲା । ତଥାପି ଯୀଶୁ କହିଲେ, "ତୁମେ ଭୁଲ୍ କରୁଅଛ, ବାକ୍ୟ ଜାଣିନାହଁ!" ସେମାନେ ସେମାନଙ୍କୁ ଯାଣିଥିଲେ ସେମାନଙ୍କର ନିଜର ପୁସ୍ତକ ସିଖିବାରେ, ସେମାନେ ଏହା ଯାଣିଥିଲେ ସେମାନଙ୍କ ପ୍ରଶ୍ନ ଉତ୍ତରମାଳା ଦ୍ୱାରା, ସେମାନେ ଏହା ଯାଣିଥିଲେ ସେମାନଙ୍କର ନିଜ ଧର୍ମସାସ୍ତ୍ର ଦ୍ୱାରା । କିନ୍ତୁ ଯୀଶୁ କହିଲେ, "ତୁମେ ଏହା ଯାଣିନାହଁ, ଧର୍ମଗ୍ରନ୍ଥ, କିମ୍ୱା ସଦାପ୍ରଭୁଙ୍କର ଶକ୍ତି ଯାଣିଅଛ ।ଯଦି ତୁମେ ଅବ୍ରାହମଙ୍କୁ ଯାଣିଥାନ୍ତ, ତୁମେ ମୋତେ ଯାଣିଥାନ୍ତ । ଯଦି ତୁମ୍ଭେମାନେ ଅବ୍ରାହମଙ୍କର ସନ୍ତାନ ଥିଲେ, ତୁମ୍ଭେମାନେ ମୋତେ ଯାଣିଥାନ୍ତ, କାରଣ ଅବ୍ରାହମ ଆନନ୍ଦ କଲେ ଯେତେବେଳେ ସେ ମୋର ଦିନ ଦେଖିଲେ, ତେଣୁ ସେ ଦିନ ଆଗରୁ ଯାଣି ପାରିଥିଲେ । ଯେତେବେଳେ ମୁଁ ତାହାଙ୍କ ସମୁଖରେ ଛିଡ଼ାହେଲି, ଏକ ଶରୀରରେ, ଏବଂ ଏହା ପ୍ରକାଶ କଲି, ସେ ଯାଣିଲେ ଏହା ମୁଁ ଅଟେ, ଏବଂ ସେ ମୋତେ ଡ଼ାକିଲେ 'ଏଲୋହିମ୍ ।' କିନ୍ତୁ ଏଠାରେ ମୁଁ ତୁମ୍ଭମାନଙ୍କ ସମ୍ମୁଖରେ ସମାନ ବିଷୟ କରୁଅଛି ଏବଂ ତୁମ୍ଭେ ମୋତେ 'ବାଲଜିବୁଲ' କହୁଅଛ ।"

"ଅହଃ," ସେମାନେ କହିଥିଲେ, "ଆମ୍ଭେମାନେ ଅବ୍ରାହମଙ୍କୁ ଆମ୍ଭେମାନଙ୍କର ପିତା କହୁ ।"

"ଅବ୍ରାହମଙ୍କୁ ତୁମ୍ଭର 'ପିତା' ଡ଼ାକ?"

74 ସେ କହିଲେ, "କାହିଁକି, ଆମ୍ଭେ, ଆମ୍ଭେ ମଣ୍ଡଳୀର ସଦସ୍ୟ ଅଟୁ । ଆମ୍ଭେମାନେ ଏକ ଧର୍ମର ଦେଶ ଅଟୁ । ଆମ୍ଭେମାନେ ମହାନ ଲୋକ ଅଟୁ । ଆମ୍ଭେମାନେ ସଦାପ୍ରଭୁଙ୍କର ଲୋକ ଅଟୁ!!"!

ଯୀଶୁ କହିଲେ, "ତୁମ୍ଭେମାନେ ଶୟତାନ ଅଟ, ସେ ତୁମ୍ଭର ପିତା ଅଟନ୍ତି ।"

75 ମୁଁ ତାହା ଏହି ଯୁଗକୁ ପସନ୍ଦ କଲି କି ।ଆଜି, ଯେତେବେଳେ ସେଠାରେ ପ୍ରକୃତରେ ମିଲିୟନ୍ ଲୋକ ଖ୍ରୀଷ୍ଟ ଧର୍ମକୁ ମାନିଲେ, ଏବଂ ସଦାପ୍ରଭୁଙ୍କ ବିଷୟରେ ଅଧିକ ଜାଣିଲେ ନାହିଁ ତାପରେ ପରେ ଏକ ପଛୁଆ ବର୍ଗ ବା ଅସିକ୍ଷିତ ମିଶରର ରାତି ବିଷୟରେ ଜାଣି ପାରିବେ । ସେଠାରେ ଆଜିର ପୁରୁଷ ଓ ମହିଳା, ପ୍ରକୃତରେ ମିଲିୟନ୍ ଖ୍ରୀଷ୍ଟିୟାନର ଅନୁଧ୍ୟାନ କରନ୍ତି ତାହା ଖ୍ରୀଷ୍ଟଙ୍କୁ ଦାବି କରନ୍ତି, ପ୍ରଥମେ ଶକ୍ତିର ମୁଳତତ୍ତ୍ୱ ତାହାଙ୍କର ପୁନର୍ଥାନ ଯାଣନ୍ତି ନାହିଁ, ପୁଣି

ତାହାଙ୍କର ଉତ୍ତମତାକୁ କେବେହେଲେ ଚାଖି ନାହାନ୍ତି । ସେମାନେ କେବେହେଲେ ତାହାଙ୍କର ଶକ୍ତିକୁ ଅନୁଭବ କରିନାହାନ୍ତି । ତାହାଙ୍କର ଚକ୍ଷୁ ସତ୍ୟତାକୁ ଅନ୍ଧ କରିଦେଇଛି ।

76 ସେ କହିଲେ, "ତୁମେ ଅନ୍ଧ ଅଟ, ଅନ୍ଧମାନଙ୍କର ନେତା ଅଟ । କେବେନୁହଁ...ଏକ...ଯଦି ଅନ୍ଧ ଅନ୍ଧକୁ ବାଟ ଦେଖାଏ, କଣ ସେମାନେ ଗର୍ତ୍ତରେ ପଡ଼ିବେ ନାହିଁ?"

77 ତାପରେ ସେମାନେ ଭାବିଲେ, "ଆମ୍ଭେମାନେ ଖ୍ରୀଷ୍ଟିୟାନ ଅଟୁ । ଆମ୍ଭେମାନେ ବିଶ୍ୱାସି ଅଟୁ । ଆମ୍ଭେମାନେ ସେଠାକାର ବଡ଼ ମଣ୍ଡଳୀର ସଦସ୍ୟ ଅଟୁ । ଆମ୍ଭର ଗୁରୁମାନେ ଉତ୍ତମ ତାଲିମ୍ ବିଦ୍ୱାନ ଅଟନ୍ତି ।" ପୁଣି ତଥାପି ଯୀଶୁ ସେମାନଙ୍କୁ କହିଲେ ସେମାନେ ଧର୍ମଗ୍ରନ୍ଥ ମଧ୍ୟ ଯାଣି ନ ଥିଲେ ।

78 ଦେଖନ୍ତୁ କେମିତି ସଦାପ୍ରଭୁ ଜ୍ଞାନି ଓ ବିଦ୍ୱାନଙ୍କର ଆଖିରୁ ଏହା ଲୁଚାଇ ଥିଲେ, ଏବଂ ଏହା କନ୍ୟା ପୁଣି ଜାଣିବାର ଆଗ୍ରହ ଲୋକଙ୍କୁ ଏହା ପ୍ରକାଶ କଲେ? ଅହଃ, ତାହାଙ୍କ ମହାନ ଶକ୍ତି ଓ ସଦାପ୍ରଭୁଙ୍କର ଅନୁଗ୍ରହ!!!!!!!!!!! କେତେଭୋଲ ସେ ତାହାଙ୍କର ଧାର୍ମିକତାରେ ଚାଲିବାକୁ ଇଛା କରନ୍ତି! ସେ କୌଣସି ଉତ୍ତମ ଜିନିଷ ଅଟକାଇ ରଖିବେ ନାହିଁ ।

79 ପୁଣି ଯେତେବେଳେ ସେହିଦିନ ଦେଖିବାକୁ ଆମର ଦେଶ, ଆମର ପୃଥିବି, ସମାନ ବିଷୟ ସହ ନଷ୍ଟ ଅଛି!

80 ଯୀଶୁ ସଠିକଭାବେ ସେମାନଙ୍କୁ ସବଳ କରିବାକୁ ଚାହିଲେ । ସେମାନେ କହିଲେ, "ଅହଃ, ଅବ୍ରାହମ ଆମର ପିତା ଅଟନ୍ତି । ଏବଂ ଆମ୍ଭେମାନେ ମହିମାନୀତ ହେବୁ, ତୁମେ କଣ ଏହି ବିଷୟରେ ବ୍ୟସ୍ତ ନୁହଁ, କାରଣ ଆମ୍ଭେମାନେ ସଦାପ୍ରଭୁଙ୍କ ଠାରେ ବିଶ୍ୱାସ କରୁ ।ଆମ୍ଭେମାନେ ଅନୁଶରଣ କାରି ଅଟୁ, ଏବଂ ଆମ୍ଭେମାନେ ସଦାପ୍ରଭୁଙ୍କୁ ବିଶ୍ୱାସ କରୁ, ପୁଣି ଆମ୍ଭେମାନେ ଆମ୍ଭର ଲୋକମାନଙ୍କୁ ସିକ୍ଷ୍ୟା ଦେଉ । ପୁଣି ତୁମ୍ଭେ କିଏ ଏଠାକୁ ଏକ—ଏକ ଗୁପ୍ତର ଛୋଟ ପୁରୁଣା ଚିହ୍ନ ସହିତ ଭିତରକୁ ଆସିଅଛ ଏବଂ ଏହା ସଦାପ୍ରଭୁ କହିବାକୁ ଚେଷ୍ଟା କରୁଅଛ? ତୁମେ କିଛି ନୁହଁ କିନ୍ତୁ ଜଣେ ବାଲ୍‌ଜିବୁଲ ।" ସେଠାରେ ତୁମେ ଅଛ, ସେମାନେ ସେମାନଙ୍କର ଧର୍ମଗତ ଥିଲେ ପୁଣି ସେମାନଙ୍କର ସଂସ୍ଥା ।

ଯୀଶୁ ସେମାନଙ୍କୁ କହିଲେ, "ତୁମେ ଶୟତାନ୍ ।" ଏହି ବିଷୟରେ ଭାବନ୍ତୁ!

81 ପୁଣି ମୁଁ ସେହି ଯୁଗ ସହ ଏହି ଯୁଗକୁ ତୁଳନା କରେ, ଆଜି ଯେତେବେଳେ ଆମ୍ଭେ ମିଲେୟନ୍ ମଣ୍ଡଳୀରେ ସଂଯୁକ୍ତ ପାଇଲୁ, ଆମେ ଦଶ ହଜାର ପାଇଲୁ । ପୁଣି ସଦାପ୍ରଭୁ ତାହାଙ୍କ ମଣ୍ଡଳୀରେ ପୁଃନରବାର ରହିବାକୁ ତଳକୁ ଆସିଲେ, ଏବଂ ଠିକ୍ ବିଷୟ କରିବାକୁ ଯାହା ସେ ସେଠାରେ କଲେ, ନିଜର ପ୍ରସ୍ତୁତି କାଲି, ଆଜି, ଓ ଚିରକାଳ ସମାନ ଅଟନ୍ତି ।ଏବଂଲୋକମାନେ ସେମାନଙ୍କୁ ଏହାଠାରୁ ପୃଥକ କଲେ, ସର୍ବଦା, କିଛି ଜନପ୍ରିୟ ହେବାକୁ, କିଛି ଲୋକ ପସନ୍ଦ କରିବା ଠାରୁ ପୃଥକ କରନ୍ତି । ଏହା ଲୋକମାନଙ୍କୁ ବାଧ୍ୟ କଲେ! ତୁମ୍ଭମାନଙ୍କୁ ନିଷ୍ପତି ନେବାକୁ ହେବ । ତୁମେ ସରଳ ତାରେ ଛିଡ଼ା ହେଇ ପାରିବ ନାହିଁ । ତୁମକୁ କହିବାକୁ ହେବ "ହେଁା" କିମ୍ୱା "ନାହିଁ ।" ତୁମେ କେବେହେଲେ ପରିତ୍ୟାଗ କରିବ ନାହି ଯେଉଁ ଦ୍ୱାର ଦେଇ ତୁମେ ଆସିଅଛ ।

ତୁମେ ଏହା କରିପାରିବ ନାହିଁ । ତୁମକୁ ଗୋଟିଏ ପସନ୍ଦ କରିବାକୁ ହେବ ଏହି ସକାଳେ ଖ୍ରୀଷ୍ଟଙ୍କ ପାଇଁ ଏହା କର ।

82 ସେମାନେ ଭାବିଲେ ସବୁକିଛି ଯାହା ମଣ୍ଡଳୀର ସୁରକ୍ଷା ହେବ । ଯୀଶୁ କହିଲେ, "ଜୀବନକୁ ଘେନିଯିବା ଦ୍ୱାର ସଂକିର୍ଣ୍ଣ ଓ ପଥ ଦୁର୍ଗମ ପୁଣି ତାହାର ସନ୍ଧାନ ପାଇବା ଲୋକେ ଅଳ୍ପ ।"

83 ମୋତେ ଏହି ସକାଳରେ ତୁମକୁ ଚେତାବନି ଦେବାକୁ ଦିଅ ମଣ୍ଡଳୀ ସାବଧାନ ହୁଅ । ଏହା ଆଜିର ସମୟ ନିଏ ଆମର ନିଜ ଧାର୍ମିକତା ସ୍ୱଂୟସପୁର୍ଣ୍ଣ କପଟତା ଯୁଗରେ ତାହା ଆମ୍ଭେମାନେ ବାସ କରୁଅଛୁ । ଗୋଟିଏ ଘଣ୍ଟା ତାହା ଯେତେବେଳେ ପୁରୁଷ ଓ ମହିଳାମାନେ ମଣ୍ଡଳୀ ମାନଙ୍କରେ ଛିଡ଼ା ହେଉଥିଲେ ଓ ବେଞ୍ଚ ମାନଙ୍କରେ, ପୁଣି ସଦାପ୍ରଭୁଙ୍କ ଗୀତ ଗାଇବା, ଏବଂ ସେହି ମଣ୍ଡଳୀର ବାହାରକୁ ଚାଲିଯାଇ ପୁଣି ସିଗାରେଟ୍ ଟାଣନ୍ତି, ପୁଣି ହୁସକି ପିଅନ୍ତି ପୁଣି ନାଚିବାକୁ ଯାଆନ୍ତି ଏବଂ—ଏବଂ ଦୁନିୟା ପାଇଁ ବଞ୍ଚନ୍ତି, ପୁଣି ଖରାପ କୁହନ୍ତି, ଖରାପ ପରିହାସ କରନ୍ତି ଏବଂ ସେମାନେ ନିଜକୁ "ଖ୍ରୀଷ୍ଟିୟାନ" କୁହନ୍ତି । ଯେତେବେଳେ ପୁରୁଷ ଓ ମହିଳାମାନେ ମଞ୍ଚଠାରୁ ଚାଲିଯାଆନ୍ତି କିମ୍ବା ମଣ୍ଡଳୀରୁ ଏବଂ ପୁନରୁଥାନ ଶକ୍ତିର ଯାଗାଠାରୁ ଚାଲିଯାଆନ୍ତି, କେଉଁଠାରେ ତାହାଙ୍କ ସହ ମସିହାଙ୍କର ଚିହ୍ନ ସେମାନଙ୍କ ମଧ୍ୟରେ ଗମନ କରୁଛି, ଏବଂ ଖ୍ରୀଷ୍ଟଙ୍କର ନୂତନ ସୃଷ୍ଟି ନୁହନ୍ତି, ସେଠାରେ କିଛି ବିଷୟ ଭୁଲ୍ ଅଛି । ଯେତେବେଳେ ଏହି ବିଷୟ ବିସ୍ମରଣ କରେ;ପୁଣି ଉପକୁଳ ରୁ ଉପକୁଳ ଠାରୁ, ପଛରୁ ପୁଣି ଆଗରୁ ଦକ୍ଷିଣର ଥଣ୍ଡା ଯୁକ୍ତ ଅଞ୍ଚଳ ଠାରୁ କ୍ରାନ୍ତିୟ ଦକ୍ଷିଣର ଜଙ୍ଗଲ ପର୍ଯ୍ୟନ୍ତ, ସଦାପ୍ରଭୁ ଏହା ପଠାଇଲେ, ପୁଣି ଲୋକମନେ ସର୍ବଦା ଏହା ଉପରୁ ସେମାନେ ପଛକୁ ଫେରିଲେ । ତାପରେଆମ୍ଭେମାନେ କଣ କହିପାରିବା, ଆମ୍ଭେମାନେ କଣ କରିପାରିବା? ଆମ୍ଭେମାନେ ଧର୍ମଗ୍ରନ୍ଥ ବାଇବଲ ଠାରୁ ପଛକୁ ଫେରୁଛୁ ଯେଉଁଠାରୁ ସେ କୁହନ୍ତି, "ଦ୍ୱାର ସଳଖ ଅଟେ ଏବଂ ପଥ ସଂକୀର୍ଣ୍ଣ ଅଟେ ପୁଣି ତାହାର ସନ୍ଧାନ ପାଇବା ଲୋକେ ଅଳ୍ପ ।"

84 ସେ କହିଲେ, "ଯେପରି ନୋହଙ୍କ ସମୟରେ ଥିଲା, ସେହିପରି ମନୁଷ୍ୟ ପୁତ୍ରଙ୍କର ଆସିବାର ସମୟରେ ସେହିପରି ହେବ ।" ଶୁଣନ୍ତୁ, ଯେପରି ନୋହାଙ୍କ ସମୟରେ, ପୃଥିବିରେ ବସବାସ କରୁଥିଲେ ସେହିପରି ଏହି ଦିନରେ ବସବାସ କରୁଅଛନ୍ତି । ସେମାନଙ୍କର ବିଜ୍ଞାନ ଅତ୍ୟେଧିକ ଆତ୍ମମାନଙ୍କର ଥିଲା । ସେମାନେ ଗ୍ରିସୀୟ ପୁରାଣକ୍ତ ଓ ପିରାମୀଢ଼ ନିର୍ମାଣ କରନ୍ତି ପୁଣି ଏହି ବିଷୟ କରନ୍ତି ତାହା ଆମ୍ଭେମାନେ ଆଜି କରିପାରିବା ନାହିଁ । ଅତ୍ୟେଧିକ, ମହାନ, ଚତୁର ଲୋକ । ଏବଂ ମନେରଖନ୍ତୁ, ଆଜିର ବିଜ୍ଞାନ କୁହେ, "ଏହା ମଧ୍ୟରାତ୍ରିର ଗୋଟିଏ ମିନଟ୍ ପୁର୍ବରୁ ।" ଏହା ଗୋଟିଏ ମିନଟ୍ ଘଣ୍ଟା ଶେଷ ଘଣ୍ଟା ବାଯିବା ପୁର୍ବରୁ । ଏହାପରେ ଆମେ ଭାବୁ । ମୁଁଆସାକରେ ତାହା—ଏକ ବିଶ୍ୱାସ କରେ ଯେ ପବିତ୍ର ଆତ୍ମା ପ୍ରତ୍ୟେକ ବିଶ୍ୱାସୀଙ୍କ ହୃଦୟକୁ ଏହା ବଢ଼ାଇ ଦେବ, "ଯେପରି ନୋହଙ୍କର ଦିନଗୁଡ଼ିକରେ ହେଲା!"

85 କେମିତି ଅନେକ ନୋହଙ୍କର ଦିନରେ ଉଦ୍ଧାର ପାଇଥିଲେ, ସେହି ଯୁଗ ମଧ୍ୟରୁ? ଆଠ, ବହୁ ଲକ୍ଷ୍ୟ ମଧ୍ୟରୁ ଆଠ ଜଣ । ସେ କହିଲେ, "ଏହା ମନଷ୍ୟ ପୁତ୍ରଙ୍କ ଆସିବା ସମୟରେ ସେହିପରି ହେବ ।"

86 "ପୁଣି ଯେପରି ଏହା ସଦୋମର ଦିନ ଗୁଡ଼ିକରେ ଥିଲା, ସେହିପରି ଏହା ମନୁଷ୍ୟ ପୁତ୍ରଙ୍କର ଆଗମନ ସମୟରେ ହେବ ।" ଦଶ ହଜାର ମଧ୍ୟରୁ, ସେଠାରେ ତିନିଜଣ ଉଦ୍ଧାର ପାଇଲେ ।

87 ତୁମ୍ଭେମାନେ ତାପରେ ମତେ କୁହନ୍ତୁ, "ପ୍ରଚାରକ, କଣ ହେବେ ସମସ୍ତେ ହଜାର ଲୋକେ ଯେଉଁମାନେ ତାହାଙ୍କ ସହିତ ଯିବାକୁ ଆସିବେ?" ବର୍ତ୍ତମାନ, ଭାଇମାନେ, ତାହା ଅନେକ ଯୁଗଧରି କରାଯାଇ ଥିଲା ।

88 ମୁଁ ଆଶ୍ଚର୍ଯ୍ୟ ହେବି ଯଦି ବାରଜଣ ଏହି ଯୁଗରୁ ଆସିବେ ।"ଦ୍ୱାର ସଳଖ ଅଟେ ପୁଣି ସକୀର୍ଣ୍ଣ ପଥ ପୁଣି ତାହାର ସନ୍ଧାନ ପାଇବା ଲୋକେ ଅଳ୍ପ ।"

89 ହଁ, ମୁଁ ମଣ୍ଡଳୀ ଗୁଡ଼ିକ ଜାଣେ, ସେମାନେ କଣ କହନ୍ତି, "ଯଦି ତୁମେ ପୁସ୍ତକ ଉପରେ ତୁମର ନାମ ଲେଖ ପୁଣି ତୁମେ ଶଦସ୍ୟ ହେଇଯାଅ, *ଏହା,* ତୁମେ ଠିକ୍ ଅଛି ।" ସେଠାରେ ଏହି ପ୍ରକାର ଗ୍ରନ୍ଥ ନାହିଁ ଯେପରି ତାହା । ଯଦି ସମସ୍ତ ବିଷୟ ପାଇଲ ଏହାର ନାମ ପୁସ୍ତକ ଉପରେ ପୁଣି ମଣ୍ଡଳୀ ଭିତରେ ସେଠାରେ ହେବ ବିଲିୟନ ଥର ବିଲିୟନ ଥର ବିଲିୟନ ସମସ୍ତ ବିଷୟ ଭିତରକୁ ଯିବ । ତାପରେ ସମସ୍ତ ପ୍ରକାରର ଆତ୍ମା ସେହିଭିତରେ ରହୁଥିବ ପୁଣି କେଉଁ ପ୍ରକାର ସର୍ତ୍ତ ସର୍ଗ ଭିତରେ ରହିବ ଏହା ବର୍ତ୍ତମାନ ଭାବନ୍ତୁ ।

90 ଯେପରି ଜଣେ ମୋତେ କହୁଥିଲେ "ବର୍ତ୍ତମାନ କିଛି ମୁହୁର୍ତ୍ତ ଅପେକ୍ଷା କରନ୍ତୁ ଭାଇ ବ୍ରାହାନମ୍ । *ସେ-ଏବଂ-ସେ,* ମୁଁ ଶୁଣିଲି ସେମାନେ ପରଭାସା କହୁଥିଲେ ମୁଁ ଜାଣେ ସେମାନେ ଏହା ବନେଇବେ ।"

91 ତାହାର ଅର୍ଥ ନୁହେଁ ସେମାନେ ପ୍ରତି ମୁହୁର୍ତ୍ତରେ ବନାଇବେ । ପାଉଲ କହିଲେ, ପ୍ରଥମ କରନ୍ତି 13 ରେ, "ଯଦି ମୁଁ ମନୁଷ୍ୟମାନଙ୍କ ଓ ଦୁତ ମାନଙ୍କ ଭାସାରେ କଥା କହେ, କିନ୍ତୁ ମୋହର ପ୍ରେମ ନ ଥାଏ ତେବେ ମୁଁ କିଛିନୁହଁ ।"

92 "ହଁ, ମୁଁ *ସେହି-ଏବଂ-ସେହି*ତାହାଙ୍କ ସଭାରେ ଗଲି । ହଁ ସେ ଚମତ୍କାର କଲେ, ଆଶ୍ଚର୍ଯ୍ୟ କର୍ମ ଗୁଡ଼ିକ । ମୁଁ ତହାଙ୍କୁ ଅନ୍ଧର ଚକଷ୍ଯୁ ଖଲିବାର ଦେଖିଲି ।"

93 ତଥାପି ସେ ଭ୍ରାନ୍ତ ହଇପାରନ୍ତି । ସେଦିନ ଅନେକ ମୋତେ କହିବେ, ହେ ପ୍ରଭୁ ହେ ପ୍ରଭୁ, ଆମ୍ଭେମାନେ କି ତୁମ୍ଭନାମରେ ଭାବବାଣୀ କହିଲୁ ନାହିଁ? ପୁଣି, ତୁମ୍ଭନାମରେ କି ଭୁତମାନଙ୍କୁ ଛଡ଼ାଇଲୁ ନାହିଁ? ଆଉ ତୁମ୍ଭନାମରେ କି ଅନେକ ଶକ୍ତିର କାର୍ଯ୍ୟ କଲୁନାହିଁ? ସେ କହିବେ ହେ ଅଧର୍ମାଚାରିମାନେ, ମୋ ପାଖରୁ ଦୁର ହୁଅ, ମୁଁ ତୁମକୁ କେବେ ହେଁ ଜାଣେ ନାହିଁ । "ଦ୍ୱାର ସଳଖ ଅଟେ ପୁଣି ସଂକୀର୍ଣ୍ଣ ପଥ ଅଟେ ପୁଣି ତାହାର ସନ୍ଧାନ ପାଇବା ଲୋକେ ଅଳ୍ପ ।"

94 ମୋତେ କିଛି, ଆନୁମାନ କରି କହିବାକୁ ଦିଅ ତାହା ତୁମକୁ ଆଚମ୍ଭିତ କରିବ । ମେଡ଼ିକାଲ ବିଜ୍ଞାନ ଅନୁଯାଇ, ଚିକାଗୋ ସହରରେ, ଡ଼ାକ୍ତରଙ୍କ ପରିସଂଖ୍ୟାନ ଅନୁଯାଇ ତାହା ସେଠାରେ ୩୦ହଯାର ଗର୍ଭପାତ କେବଳ ଚିକାଗୋ ସହରରେ ହୁଏ ।ତିରିଷିଦିନ ଭିତରେ, ସେହି ପ୍ରକାର ଡ଼ାକ୍ତର ଅଛନ୍ତି । କେତେ ପ୍ରକାରର ଏଗୁଡ଼ିକ ଛୋଟ ଛୋଟ ବଟିକା ପୁଣି ଜିନିଷ ସେମାନେ ନିଅନ୍ତି, ଗର୍ଭପାତ ବିଷୟର ପାଇଁ?

95 ପରିସଂଖ୍ଷାନ ଦେଖାଏ, ଯୁକ୍ତ ରାଷ୍ଟ୍ରରେ ତାହା ସେଠାରେ ଅନେକ ଅବୈଧ ପିଲା ଜନ୍ମ ନେଉଛନ୍ତି ତାପରେସେଠାରେ ପିଲାମାନଙ୍କ ପବିତ୍ର ବିବାହ ବନ୍ଧନ ହେଉଅଛି । ଆପଣଯାଣିନ୍ତି କି ବାଇବଲ କହେ ଦ୍ୱିତୀୟ ବିବରଣୀ 14:2, ଯାହା "ଯାହା ଜାରଯ ସନ୍ତାନ, ଏହା ପରିବର୍ତ୍ତନ ହେବାପାଇଁ ଯାହା ଚାଳିଷ ବର୍ଷ ନେଇଯାଏ?" ସେମାନଙ୍କ ପିଲାର ପିଲାମାନେ, ପିଲାର ପିଲାମାନେ ସଦାପ୍ରଭୁଙ୍କ ସହଭାଗିତାରେ ଛିଡ଼ାହେଇ ପାରିବେ ନାହିଁ, ଚାଳିଷ ବର୍ଷ ଧରି, ଦଷ ଯୁଗ ଚାଳିଷ ବର୍ଷର ଗୋଟିଏ ଯୁଗ । ତାହାଙ୍କର ଅଜାର, ଅଜାର, ଅଜାର ଜେଯେବାପା ଜଣେ ଜାରଯ ସନ୍ତାନ ଥିଲେ, ସେ ଏହି ବିଷୟ ବାହାରେ ଅଛନ୍ତି! ବର୍ତ୍ତମାନ କଣ? ମୋତେ ଦେଖନ୍ତୁ ଏହା କେଉଁଠାରେ ପରିବର୍ତ୍ତନ ହେଇଥିଲା ।

96 ଆମ୍ଭେମାନେ କେଉଁ ଶ୍ରେଣିର ଆସୁ? ଏବଂ ପୁଣି ବର୍ତ୍ତମାନ ଅବୈଧ, କାରଣ ବେଷ୍ୟାରୁ ପୁଣି ପାପିନି ସ୍ତ୍ରୀ ଜଣେ ମଣିଷ ଭଳି ରାସ୍ତା ଉପରେ ସଜାଇ ହୋଇଛି; ଯାହା ସଦାପ୍ରଭୁଙ୍କ ଦୃଷ୍ଟିରେ ଅସନ୍ତୁଷ୍ଟ ଅଟେ, ସିଗାରେଟ ଟାଣିବା ଲୋକ, ନିଷା, ମଦ ପିଇବା ଲୋକ ନିଜକୁ ଖ୍ରୀଷ୍ଟିୟାନ କୁହନ୍ତି । ସଦାପ୍ରଭୁ ସେହିପ୍ରକାର ବେଷ୍ୟା ପ୍ରକୃତି ଲୋକଙ୍କୁ ଘୃଣା କରନ୍ତି । ତାହା ଠିକ୍ ଅଟେ । ତାପରେ ସେମାନେ ନିଜକୁ ଖ୍ରୀଷ୍ଟିୟାନ କୁହନ୍ତି? ବିନା ବିସ୍ମୟରେ ଯୀଶୁ କହିଲେ, "ଦ୍ୱାର ସଳଖ ଅଟେ, ପୁଣି ସଙ୍କୀର୍ଣ୍ଣ ପଥ ଅଟେ ପୁଣି ତାହାର ସନ୍ଧାନ ପାଇବା ଲୋକେ ଅଳ୍ପ ।"

97 ସେମାନେ ନିଜକୁ ନମ୍ରକେଲେନାହିଁ । ସେମାନେ ସ୍ୱାଦିଷ୍ଟ ନୁହନ୍ତି । ଦେଖନ୍ତୁ, ଯେତେବେଳେ ଦାଉଦଙ୍କୁ ତାହାଙ୍କର ପାପ କରିଥିବା ତାହା କୁହାଯାଇ ଥିଲା, ତତ୍କ୍ଷଣେ ସେ ଅନୁତାପ କଲେ ତେଣୁ ସଦାପ୍ରଭୁ ଏହାପାଇଁ ତାହାଙ୍କୁ ଭଲପାଇଲେ । ତୁମ୍ଭେ ସେମାନଙ୍କୁ ସେମାନଙ୍କର ପାପ ବିଷୟରେ କୁହ । ସେମାନେ କହିବେ "ମୁଁ କେବେହେଲେ ଅନ୍ଧକାର ରାସ୍ତାକୁ ପୁନର୍ବାର ଯାଆନ୍ତି ।" କାହିଁକି? ସେମାନେ ଅନେକ ଯାଗାଗୁଡ଼ିକକୁ ଯିବାକୁ ପାଇଲେ, ସେମାନେ ସେହିଗୁଡ଼ିକର ଅବୈଧ ଗର୍ତକୁ ଯାଇପାରିବେ ତାହା ସେଗୁଡ଼ିକ ସହିତ ରଖିବ । କିନ୍ତୁ ଏହାର ସମୟ ଯାହା ପାଳକମାନେ ସଦାପ୍ରଭୁଙ୍କର ଦଣ୍ଡ ସମସ୍ତ ସଜ୍ଞା ଗ୍ରହଣ କର ପୁଣି ପାଲିସ୍ ନ କରି ସୁସମାଚାରର ବାକ୍ୟକୁ ପ୍ରଚାର କର । ଲୋକମାନେ ସେମାନଙ୍କୁ ନମ୍ର କରିବା ଆବଷ୍ୟକ ଅଟେ ।

98 ସେଠାରେ ଖ୍ରୀଷ୍ଟିୟାନ ମାନଙ୍କ ମଧ୍ୟରେ ଆଉ କୌଣସି ମାନବିକତା ନାହିଁ । ସେମାନେ କହିବାକୁ ଚାହାନ୍ତି, "ମୁଁ ଜଣେ ମେଥଡ଼ିଷ୍ଟ, ମୁଁ ଜଣେ ବାପ୍ଟିଷ୍ଟ, ମୁଁ ଜଣେ ପେଣ୍ଟିକଷ୍ଟ, ତାହାର ଅର୍ଥ ଏହା [ଭାଇ ବ୍ରାହାନମ ତାର ଆଙ୍ଗୁଠି ଦେଖାଉଛନ୍ତି] *ତାହା* ସଦାପ୍ରଭୁଙ୍କୁ ନୁହେଁ ।

99 ମୁଁ ଅନ୍ୟଭାଷାରେ କଥାକୁହେ, ମୁଁ ଆଶ୍ଚର୍ଯ୍ୟ କର୍ମ ପ୍ରକାଶ କରେ ଆମ୍ଭେ ସମସ୍ତେ ଗୁରୁତ୍ୱ ସେହି ଉପରେ ଦେଉ । ଯେତେବେଳେ ତାହା ଗୋଟେ ଅଧିକତାର ଅନ୍ଧକାର ବିଷୟ ତାହା ସେମାନେ କରିବେ । ନିଶ୍ଚିତ! ବର୍ଷା ଯେପରି ଧାର୍ମିକ ପୁଣି ଅଧାର୍ମିକ ଉପରେ ସମାନ ଭାବରେ ପଢ଼େ । ପାଣି ଯେପରି ଶସ୍ୟ ଉପରେ ପୁଣି ଅଗାଡ଼ି ଉପରେ ସମାନ ଭାବରେ ପଢ଼େ, ରୋଏ । ସେହି ବର୍ଷା ଲୋକମାନଙ୍କ ଉପରେ ଉପରେ ସମାନ ପବିତ୍ର ଆତ୍ମା ପଢ଼େ । ତଥାପି ତାହାର ଅର୍ଥ ନୁହେଁ...ସେମାନଙ୍କ ପ୍ରକୃତି ଅଲଗା ପ୍ରକାରର ହେବ, ଭିତର ପୁଣି ବହାର ଠାରୁ । ବାହ୍ୟ ଭାବେ ଘୋସଣା କରିବା କିମ୍ବା ପ୍ରଦର୍ଶନ କରିବା ନୁହେ, କିନ୍ତୁ ଅନ୍ତର ଆତ୍ମାକୁ ଜୀବିତ ସଦାପ୍ରଭୁ ତାହାଙ୍କ ଲୋକଙ୍କୁ ଏକ ନୁତନ ସୃଷ୍ଟି କରେ, ତାହା ତାହାର ହୃଦୟକୁ ନମ୍ର କରେ କିମ୍ବା ତାହାର ହୃଦୟ ସଦାପ୍ରଭୁଙ୍କ ପଛରେ ରୁହେ ।

100 ତୁମେ କୁହ, "ପ୍ରଚାରକ, ତୁମେ ମୋତେ କହିବାକୁ ଚାହେ, ତୁମେ ଏହି ଲକ୍ଷ୍ୟ ଲୋକ ମଧ୍ୟରୁ ବାରଜଣ ପୁଣି ଚାରି ଲକ୍ଷ୍ୟ ପୃଥିବୀର ଲୋକଙ୍କଠାରୁ ସନ୍ଦେହ କରୁଛ?" ମୁଁ ସନ୍ଦେହ କରେ ଯଦି ସେଠାରେ ବାରଜଣ ରହିବେ, ତାହା ଉର୍ଦ୍ଧାନ୍ତି କରଣ କରିବ । ଏହା ଭାବନ୍ତୁ । ମୁଁ ତୁମ୍ଭମାନଙ୍କୁ କହୁଅଛି ଯାହା ଯୀଶୁ ଏହାର ସୁସମାଚାରରେ କହିଲେ ।ଏହା ଭାବନ୍ତୁ ।

101 ଏହାର ମୂଳ କାରଣ କଣ? କାରଣ ଲୋକମାନଙ୍କ ମଧ୍ୟରେ ଅନୈତିକତା ଭରିଗଲା, ଅବୈଧ ସନ୍ତାନ ଜନ୍ମ ହେବାକୁ ଲାଗିଲେ, ତାହା ସେମାନଙ୍କୁ ବାହାର କଲା ।ଦେଖନ୍ତୁ, ଆମ୍ଭେମାନେ ଏଠାରେ କିଛି ଘଣ୍ଟା ଛିଡ଼ା ହଇପାରିବ, ସେଗୁଡ଼ିକ ବିଷୟ ରଖିବି, ପୁଣି ତାହା ତୁମେ ଦେଖିପାରିବ ଆମ୍ଭେମାନେ ଏକ ଦୁର୍ନିତି ପ୍ରବଣରେ ବାସ କରୁଅଛୁ, ନିନ୍ଦନୀୟ, ସଢ଼ା ହେଇଥିବା ଅନ୍ତଃସ୍ଥଳ ଲୋକମାନଙ୍କ ଯୁଗରେ । ବ୍ୟସ୍ତନାହିଁ ସେମାନେ ଚିହ୍ନ ଗୁଡ଼ିକ ଦେଖିପାରିବେ ନାହିଁ, ବ୍ୟସ୍ତନାହିଁ ସେମାନେ ସୁସମାଚାର ଶୁଣନ୍ତି ନାହିଁ, ସେମାନଙ୍କୁ କଠର କରାଯାଇ ଅଛି, ତଥାପି ଯେପରି କେବଳ ଧାର୍ମିକ ପୁଣି ନୈଷ୍ଠିକ ।

102 ଯୀଶୁ ତାହା କହିନ ଥିଲେ, "ଆତ୍ମା ସୁଚାଇ କୁହନ୍ତି । ଶେଷଦିନ ଗୁଡ଼ିକରେ ସେମାନେ ଶକ୍ତିଶାଳୀ ମଦୁଆ ହେବେ, ଉଚ୍ଚ ମନବୃତ୍ତର, ସଦାପ୍ରଭୁଙ୍କ ଠାରୁ ଅଧିକ ସୁଖ କୁ ଭଲ ପାଇବେ, ଯୁଦ୍ଧ ଭାଙ୍ଗକ, ଅସଂଯମୀ, ହିଂସ୍ର, ସେଗୁଡ଼ିକକୁ ଘୃଣା କରିବେ ଯାହା ଭଲ, ଏକ ଧାର୍ମିକର ରୁପ ରଖିବାକୁ?" ଦେଖ? ଓଃ, ତୁମେ ଚିତ୍କାର କରିପାରିବ, ନିଶ୍ଚିତ । ତୁମେ ଅନ୍ୟ ଭାଷାରେ କହି ପାରିବ, ନିଶ୍ଚିତ । କିନ୍ତୁ ତାହା ନୁହେଁ ଯାହା ଆମ୍ଭେମାନେ କହୁଥିବା ବିଷୟ ।

103 ତାପରେ ତୁମ୍ଭେମାନେ ମୋତେ କହିବ, "ଭାଇ ବ୍ରାହାନାମ, ଖ୍ରୀଷ୍ଟିୟାନର ଚିହ୍ନ କଣ ଅଟେ? କିଏ ଉଦ୍ଧାର ପାଇବ? ତୁମେ ପାଇବ ଭାଇ ବ୍ରାହାନମ? ମୁଁ ତାହା ସଦାପ୍ରଭୁଙ୍କଠାରେ ବିଶ୍ୱାସ କରୁଅଛି । ମୁଁ ବିଶ୍ୱାସ କରୁଅଛି ଯେ ମୁଁ ଅଛି । ମୁଁ ମୋର ଜୀବନକୁ ତୁଳନା କରୁଅଛି, ପ୍ରତିଦିନ, ବାକ୍ୟ ସହିତ । ଯଦି ଏହା ଏହି ବାକ୍ୟକୁ ପକ୍ଷ କରିବ ନାହିଁ ତାହାହେଲେ ସେଠାରେ କିଛି ତୃଟି ଅଛି, ମୋତେ ପଛକୁ ଯିବାକୁ ହେବ ପୁଣି ଠିକ୍ କରିବାକୁ ହେବ ।

104 "ଠିକ୍ ଅଛି", ଭାଇ ବ୍ରାହାନାମ କହେ, ଯେତେବେଳେ ଲୋକମାନେ ଅନ୍ୟ ଭାଷା କୁହନ୍ତି, ତାହାର ଅର୍ଥ ଏହା ନୁହେଁ, ସେମାନେ ଉଦ୍ଧାର ପାଇଛନ୍ତି? ନାହିଁ ସାର୍! ବାସ୍ତବିକୁ ନୁହେ । ମୁଁ ସୁଣିଅଛି ଡ଼ାହାଣି ଗୁଡ଼ିକ ପୁଣି ଜାଦୁକରମାନେ ଅନ୍ୟ ଭାଷାରେ କୁହନ୍ତି । ସମସ୍ତ ପ୍ରକାରର ଅର୍ଥହିନ ମୁଁ ଦେଖିଅଛି ଲୋକମାନେ ଅନ୍ୟ ଭାଷାରେ କଥା କୁହନ୍ତି ପୁଣି ଅନ୍ୟ ଲୋକର ସ୍ତ୍ରୀ ସହିତ ବାସ କରନ୍ତି । ମୁଁ ଲୋକମାନଙ୍କୁ ଦେଖିଅଛି ଅନ୍ୟ ଭାଷାରେ କଥା ହୁଅନ୍ତି ପୁଣି ଉପରକୁ ତଳକୁ ଡ଼ିଅନ୍ତି ପୁଣି ଘର ଜଳୁଥିବା ଭଳି ଚିତ୍କାର କରନ୍ତି, ଏବଂ ବାହାରକୁ ଯାଆନ୍ତି ଏବଂ ଖରାପ ମତକୁ ଟାଣନ୍ତି, ପୁଣି ଚରି କରନ୍ତି, ମିଛ କୁହନ୍ତି, ପୁଣି ସବୁକିଛି । କେଉଁ ପ୍ରକାରେ ତୁମେ ଏହା ଆସା କରୁଅଛ? ନାହିଁ ସାର୍ ।

105 ମଣ୍ଡଳୀର ସଦସ୍ୟ ହେବାକୁ, ମଣ୍ଡଳୀର ଡ଼ିକନମାନେ, ଯେମିତି ଧାର୍ମିକ ହଇପାରନ୍ତି । କାହିଁକି, ତୁମ୍ଭେମାନେ ଭାବୁଛ ସେମାନେ ରବିବାର ଦିନ ଗ୍ୟାସ କିଣୁଥିଲେ? ନାହିଁ । କିନ୍ତୁ ସମବାର ଦିନ କିଛି କରନ୍ତୁ ଯାହା ଖରାପ ପୁଣି ପଚିଥିବା ଓ ନୀଚ । ସଦାପ୍ରଭୁ ହୃଦୟରେ ରୁହନ୍ତି, ବାହ୍ୟରେ ନୁହଁ, କିଛି ବିଷୟ ଏହା ହୃଦୟକୁ ଆସେ ।

106 "ଦ୍ୱାର ସଳଖ ଅଟେ ଓ ସଂକୀର୍ଣ୍ଣ ପଥ ପୁଣି ତାହାର ସନ୍ଧାନ ପାଇବା ଲୋକେ ଅଳ୍ପ", ଯେପରି ଏହା ନୋହଙ୍କ ସମୟରେ ଥିଲା, ଲକ୍ଷ୍ୟ ଲୋକରୁ ମାତ୍ର ଆଠ ଜଣ ବାହାରିଥିଲେ ଯେପରି ଏହା ସୋଦମର ସମୟରେ ଲକ୍ଷ୍ୟ ଲୋକ ଠାରୁ ମାତ୍ର ତିନି ଜଣ, ସେହି ପ୍ରକାରେ ଏହା ମନୁଷ୍ୟ ପୁତ୍ର ଆସିବାର ଦିନରେ ହେବ ।

107 ପୁଣି ତୁମେ ଭ୍ରଷ୍ଟ ହେବାର ଦେଖ ଯାହା ଆମ୍ଭେମାନଙ୍କ ମଧ୍ୟରେ । ତୁମେ ଦେଖ କେମିତି ପ୍ରତ୍ୟେକ କଳ୍ପନୀକ, ଲୋକମାନେ, ସେ ସେଠାରୁ ବାହାରିବେ ପୁଣି ଶୟତାନ ଚତୁର ପ୍ରଚାରକଙ୍କୁ ସମୁଖରେ ଛିଡ଼ା କରିବେ ଏବଂ ଲୋକମାନେ ଏହା ସହିତ ସପୃକ୍ତ ରହିବେ ।

108 ଗୋଟିଏ ଦିନ ଜଣେ ଲୋକ କହିଲେ, "ମୁଁ ମୋ ମଞ୍ଚରେ ତୁମକୁ ଆଣିବାର ନଥିଲା ତୁମେ ମୋର ମହିଳାମାନଙ୍କୁ ବାୟା କରିଦେବ ।" ନା, ସେମାନେ ପୁର୍ବରୁ ସେହି ପଥରେ ଅଛନ୍ତି, ଏହା ସେମାନଙ୍କୁ ସେମାନଙ୍କର ଠିକ୍ ମନକୁ ଆଣିଦେବ । ସେମାନଙ୍କୁ କୁହ ଏହି ପୋଷାକ ପୁଣି ଜିନିଷ ସେଠରୁ ନପିନ୍ଧିବା ପାଇଁ । ଠିକ୍ ଅଛି ପୁଣି କେହି ଜଣେ ଏହା କରିବାକୁ ହେବ ।

109 ମୁଁ ମୋ ସ୍ତ୍ରୀଙ୍କୁ କହିଲି, "ମୁଁ କଣ ନିଜକୁ ପାଗଳାମି କରୁଛି? ମୁଁ ଉନ୍ମତ୍ତ କି? କିମ୍ବା ମୋ ସହିତ କଣ ବିଷୟ ଅଛି?" କିଛି ବିଷୟ ଏପର୍ଯ୍ୟନ୍ତ ଅନ୍ତରରେ ଧରିପାରିବି ନାହିଁ । ମୁଁ ଏହା କହିବାକୁ ଚାହେଁ, ମୁଁ ଭୟ କରେ ନାହିଁ କିଏ କଣ କହିବ ।

110 କହିଲେ, ତୁମେ ତୁମର ସେବାକାର୍ଯ୍ୟକୁ ବନ୍ଦ କରିବାକୁ ଯାଉଛ । ଠିକ୍ ଅଛି, ଯେଉଁ ସେବାକାର୍ଯ୍ୟ ଯାହା ସୁସମାଚାରକୁ ବନ୍ଦ କର, ବନ୍ଦ ହେବାକୁ ଦିଅ ।

ସଦାପ୍ରଭୁ ଆମକୁ ସାହାସରେ ଛିଡ଼ା ହେବାକୁ ଦିଅ ଯାହା ପାଇଁ ସତ୍ୟ ପୁଣି ଏହି ବିଷୟ ସତ୍ୟ କହିବୁ! ଏହା ଏକ ପାପ ଅଟେ, ଏକ ଅପମାନ!!!

111 ଯୀଶୁ କହିଲେ, ଦ୍ୱାର ସଳଖ ଅଟେ ପୁଣି ସଂକୀର୍ଣ୍ଣ ପଥ ଅଟେ। ପୁଣି ତୁମେ ଯାହା ଲକ୍ଷ୍ୟ ଭାବେ, ପଣି ତୁମେ ସମସ୍ତେ ମେଥଡ଼ିଷ୍ଟ, ବାପଟିଷ୍ଟ, ପ୍ରେସ ବଟାରିୟାନ, ପେଣ୍ଟିକଷ୍ଟାଲ୍‌କୁ ଯାଉଛ, ତୁମ୍ଭେମାନେ ଗୋଟେ ଦିନ ବକାମି ହେଇଯିବ। ଯୀଶୁ କହିଲେ, "ଅନେକ ଆସିବେ ପୁଣି ରାଜ୍ୟରେ ବସିବେ କହିବେ ମୁଁ ସେଠାରେ ରହିବା ଦରକାର।" ସେ କହିଲେ, "କିନ୍ତୁ ରାଜ୍ୟର ପିଲାମାନେ ସେମାନଙ୍କୁ ବାହାର କରିଦେବେ। ସେଠାରେ କ୍ରନ୍ଦନ ହେବେ, ପୁଣି ବିଳାପ ହେବ ଏବଂ ଦାନ୍ତ କିଡ଼ିମିଡ଼ି ହେବ।" ଏହି ସକାଳରେ ଏହାର ଦ୍ରବ୍ୟ ତାଲିକା ନେବା ଉଚିତ୍ ହେବ, ଖ୍ରୀଷ୍ଟିୟାନ।ସେଠାରେ ହଜାର ହଜାର ସହ ସହ ଲୋକ ଖ୍ରୀଷ୍ଟିୟାନଙ୍କୁସ୍ୱିକାର କରିବେ ପୁଣି ସେମାନଙ୍କ ଜୀବନକୁ ବିଶ୍ୱାସନୀୟ କରିବେ, ତାହାର ଦ୍ୱାର ନଥିବ। ତେଣୁ ଯୀଶୁ କହିଲେ।

"କେତେ ଜଣ ପ୍ରବେଶ କରିବେ?"

112 ମୁଁ ଜାଣିନାହିଁ କେତେଜଣ ଯିବେ। କେବଳ ଗୋଟେ ବିଷୟ "ସଦାପ୍ରଭୁ, ମୋତେ ସେମାନଙ୍କ ମଧ୍ୟରୁ ଜଣେ କର। ତାହା ଏହା ଅଟେ। ସେ ବିଚାର କର୍ତ୍ତା ଅଟନ୍ତି। ମୋତେ ଜଣେ ଯିବାକୁ ଦିଅ।"

113 ତୁମେ କୁହ, "ଭାଇ ବ୍ରାହାନମ, ତୁମେ କେଉଁପ୍ରକାର କହି ପାରିବ ତାହେଲେ, ଯେତେବେଳେ ଜଣେ ଖ୍ରୀଷ୍ଟିୟାନ?

114 ମୁଁ ଜାଣିନାହିଁ। କିନ୍ତୁ ମୋତେ କହିବାକୁ ଦିଅ କଣ ବାକ୍ୟ କୁହେ। ନିଶ୍ଚିତ ତୁମେ ତାହା ବିଶ୍ୱାସ କର। ଯେତେବେଳେ ପବିତ୍ର ଆତ୍ମାଙ୍କୁ ପୃଥିବୀକୁ ପଠାଇଥିଲେ, ସଦାପ୍ରଭୁ ପବିତ୍ର ଆତ୍ମାଙ୍କ ଦ୍ୱାରା କଥା କହିଲେ। ସେ ଗୋଟିଏ ଦୂତଙ୍କୁ ପ୍ରେରଣ କଲେ ଆଗକୁ—ଆଗକୁ, ପ୍ରଥମେ। ଏବଂ ସେ କହିଲେ, "ସହର ପୁଣି ଲୋକମାନଙ୍କ ଦେଇ ଯାଅ, ଏବଂ ସେମାନଙ୍କ କପାଳରେ ଏକ ଚିହ୍ନ କର।ସେମାନଙ୍କର ତାହା ଦୀର୍ଘ ନିଶ୍ୱାସ ପୁଣି ଘୃଣାର ପାଇ କାନ୍ଦିବେ, ସେ ବିଷୟକୁ ସମାଧାନ କରିବା ପାଇଁ।

115 ଘୃଣା କଣ ଅଟେ? ଏକ ସ୍ତ୍ରୀ ତାହାହେବ ଯାହା ଏକ ପୁରୁଷକୁ ଅଧିକାର ପୋଷାକ କରି ପିନ୍ଧିବ। ଏହା ସଦାପ୍ରଭୁଙ୍କୁ ଦୁର୍ବଳ କରିଦିଏ। ତୁମେକେବେହେଲେ ପାଖା ପାଖି ପାଇଲେ ଯେଉଁଠାରେ କିଛି ବିଷୟ ଘୃଣ୍ୟ ଅଟେ? ଏହା ତୁମକୁ କେମିତି ଦୁର୍ବଳ କରୁଛି। ତୁମେ ଏହା ଛିଡ଼ା କରିପାରିବ ନାହିଁ। ଗୋଟିଏ ସ୍ତ୍ରୀ ତାର ପୋଷାକ ପିନ୍ଧେ ଜଣେ ପୁରୁଷକୁ ତାର ଅଧିକାର ପାଇଁ, ସେହି ପ୍ରକାରେ ସଦାପ୍ରଭୁ ଏହା ଅନୁଭ କରନ୍ତି: ତୁମେ ସଙ୍ଗିତ ଦଳରେ ଗାଇ ପରିବ, ତୁମେ ପ୍ରତିଦିନ ପ୍ରାର୍ଥନା କରିପାରିବ, କିମ୍ବା ସଦାପ୍ରଭୁଙ୍କ ପାଇଁ ପ୍ରତିଦିନ କରିପାରିବ ତୁମେ ସଦାପ୍ରଭୁଙ୍କ ଉପସ୍ଥିତିରେ ଦୋଷାରପ ହଇଅଛ। ତାହା ପ୍ରକୃତରେ କଣ ବାକ୍ୟ କହେ। ଏକ ଘୃଣା! ଏବଂ ଯେଉଁମାନେ ସେହିସବୁ ଧରିବେ, ସେଥିର ଅଶଂ ହେବେ।

116 ସଦାପ୍ରଭୁ ଆମ୍ଭମାନଙ୍କୁ ଦୟା କରନ୍ତୁ ସେହି ବିରୁଧରେ ଛିଡ଼ା ହେବାକୁ । ଯଦି ତୁମ ନିଜକୁ ଛିଡ଼ା ହେବକୁ ହେବ, ସେଠାରେ ଛିଡ଼ା ହୁଅ ଏବଂ ସଦାପ୍ରଭୁଙ୍କ ବାକ୍ୟକୁ ତୁମେ ହସ୍ତରେ ଧର । ଏହା କେବେହେଲେ ହରାଇବ ନାହିଁ ।

117 ବର୍ତ୍ତମାନ ଆମ୍ଭମାନଙ୍କୁ ଏକ ଦିନକୁ ଆସିବାକୁ ହେବ, ଯେଉଁଠାରେ, ଲୋକମାନଙ୍କୁ ଘୃଣା କରିବେ । ପୁଣି ଦୂତ ପୁଃନର୍ବାର ମୁଦ୍ରାଙ୍କିତ କଲେ । ଯେଫର୍‌ସନଭିଲେରେ ଜଣେ ଲୋକଙ୍କୁ ମୋତେ ଦିଅ, ଯଦି ତୁମେ ଯାଣିହାକୁ ଚାହଁ ଯେ ଏହା କରିବାକୁ ଯାଉଅଛି, ଆମ ସହରରେ ମୋତେ ଜଣଙ୍କୁ ଦିଅ ଯେ ବଡ଼ ନିଶ୍ୱାସି ପୁଣି କାନ୍ଦନ୍ତି, ପ୍ରତି ମୁହର୍ତ୍ତରେ ଚିନ୍ତା କଲେ ପୁଣି ବ୍ୟସ୍ତ ହେଲେ, ଏବଂ ଘୃଣ୍ୟ ବିଷୟ ପାଇଁ ପ୍ରାର୍ଥନା କଲେ ଯାହା ସହରରେ ଘଟିଥିଲା । ତୁମେ ତୁମର ହାତ ଉଠାଇ ପାରିବ ଏବଂ ଏହା ଯଣଙ୍କ ଉପରେ ପକାଇବ? ତାହାହେଲେ ଏହି ବାକ୍ୟକୁ ନିଅ, "ଦ୍ୱାର ସଳଖ ଅଟେ ଏବଂ ସଂକୀର୍ଣ୍ଣ ପଥ ପୁଣି ଜୀବନକୁ ଘେନିଯାଏ ତାହାର ସନ୍ଧାନ ପାଇବା ଲୋକେ ଅଳ୍ପ ।" ତାହା ହିଁ କେବଳ ଗୋଟିଏ ଯାହା ମୁଦ୍ରାଙ୍କିତ କରାଯାଇଥିଲା ।

118 ଅହଃ, ମୁଁ ତୁମକୁ ଦେଖାଇ ପାରିବି ଅନେକ ମଣ୍ଡଳୀକୁ ଯାଉଛନ୍ତି । ମୁଁ ତୁମକୁ ଦେଖାଇବି ଅନେକ ସଂଙ୍ଗିତ ଦଳରେ ଗିତ ଗାଉଛନ୍ତି । ମୁଁ ଦେଖାଇ ପାରିବି ଅନେକ ଯେଉଁମାନେ ସମାଜର ମୁଖ୍ୟ ଲୋକମାନଙ୍କୁ । ମୁଁ ତୁମକୁ ଦେଖାଇ ପାରିବି ଅନେକ ଯେଉଁମାନେ ଉଚ୍ଚସ୍ୱର କରନ୍ତି, ଅନେକ ଯେଉଁମାନେ ଅନ୍ୟ ଭାଷାରେ କଥା କୁହନ୍ତି; ଅନେକ ଯେଉଁମାନେ ସୁସମାଚାର କାର୍ଯ୍ୟ ପାଇଁ କାର୍ଯ୍ୟ କରନ୍ତି ।

